মূল্য:₹ ୧/-

ଧରିତ୍ରୀ
DHARITRI

# ସାହିତ୍ୟାଙ୍କନ

ନଭେମ୍ବର ୨୭-ଡିସେମ୍ବର ୧୦, ୨୦୧୯

**ସୃଜନ-ସ୍ମୃତି:** ଭଗବାନ ଜୟସିଂହ

**ଅନୁବାଦ ଗଳ୍ପ :** ବନଫୁଲ

**ବିଶେଷ ଗଳ୍ପ :** ସୁପ୍ରିୟା ପାଲ

**ପହିଲି ପୁଲକ:** ମମତା ପ୍ରିୟଦର୍ଶିନୀ ସାହୁ



ଅନୁବାଦ ଗଳ୍ପ

# ରାସ୍ତା ଉପର ଲୋକ

ମୂଳ ବଙ୍ଗଳା: ବନଫୁଲ
ଅନୁବାଦ: ବଂଗାଳୀ ନନ୍ଦ

ଜଳୁଥିବା ଜ୍ୟେଷ୍ଠମାସ ମଧ୍ୟାହ୍ନର ଏକ ଖରାବେଳ। ମୁଣ୍ଡ ଉପରେ ଛତାଟିଏ ମଧ୍ୟ ନ ଧରି ଚାଲି ପାରିବା ଅଭ୍ୟାସ ରହିଛି ରାଘବ ସରକାରଙ୍କର। ଦୃଢ଼ ସଙ୍କଳ୍ପବାନ୍ ବ୍ୟକ୍ତି ସେ। ତେଣୁ ଆଜି ଏଇ ଖରାରେ ମଧ୍ୟ ରାସ୍ତାରେ ଚାଲିଛନ୍ତି। ତାଙ୍କ ପାଦରେ ଜୋତା ଅଛି, ହେଲେ ସେଥିରେ ମରାଯାଇଥିବା ଲୁହାକଣ୍ଟା କେତୋଟି ପଦାକୁ ବାହାରି ପଡ଼ିଥିବାରୁ ପାଦରେ କ୍ଷତ ସୃଷ୍ଟି ହୋଇଛି। ତାଙ୍କ ଗୋଡ଼କୁ ଶରଶଯ୍ୟା ଉପରେ ଶୋଇଥିବା ଭୀଷ୍ମ ପିତାମହଙ୍କ ଗୋଡ଼ ସହିତ ତୁଳନା କଲେ କୌଣସି ପ୍ରକାର ଅସଙ୍ଗତି ହେବନି। ତଥାପି ତାଙ୍କ ବଦନରେ ବିରକ୍ତିଭାବର ଲେସ ମଧ୍ୟ ପ୍ରକାଶ ପାଉ ନ ଥାଏ। ତାଙ୍କ ପାଦପାତ ତ୍ୱରିତ ଓ ଦୃଢ଼ ଭାବେ ଆଗକୁ ବଢ଼ି ଚାଲିଥାଏ।

ସେ ଆଜି ପର୍ଯ୍ୟନ୍ତ କାହାରି ଦୟା କି କରୁଣା ଆଶା କରିନାହାନ୍ତି। ଅପରପକ୍ଷେ ଅନ୍ୟମାନଙ୍କୁ ସେ ପାରୁ ପର୍ଯ୍ୟନ୍ତ ସାହାଯ୍ୟ କରି ଆସିଛନ୍ତି। କାହାରି ଆଶ୍ରୟ ସେ ଲୋଡ଼ନ୍ତି ନାହିଁ। ଅନ୍ୟମାନଙ୍କୁ ସାହାଯ୍ୟ କରିବାକୁ ଅହରହ ଚେଷ୍ଟା କରୁଥା'ନ୍ତି। ସବୁବେଳେ ମଥା ଉତ୍ତୋଳିତ କରି ଚାଲିବା ତାଙ୍କର ଅଭ୍ୟାସ ଓ ପ୍ରକୃତି। ସେ ରାସ୍ତା ଉପରେ ଆଗେଇ ଚାଲିଛନ୍ତି। ଘଣ୍ଟି ବଜେଇ ବଜେଇ ଜଣେ ରିକ୍ସାବାଲା ତାଙ୍କୁ ଅନୁସରଣ କରୁଥିବା ସେ ଲକ୍ଷ୍ୟ କଲେ। 'ରିକ୍ସାରେ ବସିବ ବାବୁ ?' ବୋଲି ପଚାରିଲା ରିକ୍ସାବାଲା।

ରାଘବ ସରକାର ମୁଣ୍ଡ ଟେକି ତାଙ୍କୁ ଚାହିଁଲେ। ପତଳା ଚେହେରାର ଲୋକଟିଏ। ଆଶାୟୀ ଦୃଷ୍ଟିରେ ତାଙ୍କୁ ଚାହିଁ ପଚାରୁଛି। ହେଲେ ଏ ସମ୍ପର୍କରେ ତାଙ୍କ ସିଦ୍ଧାନ୍ତ ବିଲକ୍ଷଣ ମନେହେଲା। ଅନ୍ୟ ଜଣେ ମଣିଷ ଦ୍ୱାରା ବୁହା ହୋଇ ଯିବା କଥାକୁ ସେ ଅମାନୁଷିକ ବୋଲି ଭାବନ୍ତି। ତାଙ୍କ ଜୀବନରେ ସେ କେବେବି ପାଲିଙ୍କି କି ରିକ୍ସାରେ ବସି ନାହାନ୍ତି। ସେ ଭଳି କର୍ମକୁ ସେ ପାଶବିକ କର୍ମ ବୋଲି କହନ୍ତି। ମୁଖମଣ୍ଡଳରେ ଫୁଟି ଉଠିଥିବା ଝାଳକୁ ପୋଛି ଦେଉଦେଉ ''ନା, ମୋର ରିକ୍ସା ଦରକାର ନାହିଁ'' ବୋଲି କହି ଆଗେଇ ଚାଲିଲେ ନିଜ ବାଟେ। ତାଙ୍କ ପଛରେ ଘଣ୍ଟି ବଜେଇ ବଜେଇ ରିକ୍ସାବାଲା ତଥାପି ଚାଲିଥିଲା। ହଠାତ୍ ତାଙ୍କ ମୁଣ୍ଡରେ ଗୋଟିଏ ଚିନ୍ତା ପଶିଲା। ଏ ଗରିବ ରିକ୍ସାବାଲାର ଗୁଜରାଣ ମେଣ୍ଟେଇବାକୁ ହୁଏତ ଏଇ ରିକ୍ସାଟାଣିବା ଏକମାତ୍ର ଅବଲମ୍ବନ ହୋଇଥାଇପାରେ। ଦେଖିବାକୁ ପାଠଶାଠ ପଢ଼ା ଯୁବକଟିଏ ଭଳି ଦିଶୁଛି। ତାଙ୍କ ମସ୍ତିଷ୍କ ପଟରେ ଅର୍ଥ ଲଗାଣ ବ୍ୟବସ୍ଥା, ଦରିଦ୍ର ନାରାୟଣ, ବୋଲ୍‌ସେଭିକ୍ ବାଦ, ଶ୍ରମିକ ବିମୁକ୍ତି, ବସ୍ତିବାସିନ୍ଦାଙ୍କ ଦୁର୍ଦ୍ଦଶା ଇତ୍ୟାଦି ବିଷୟ ଏକାଥରକେ ନାଚି ଉଠିଲା। ରାଘବ ସରକାର ତାକୁ ଚାହିଁ ''ହାୟ ! ଏ ରିକ୍ସାବାଲା ବିଚରା ନିଶ୍ଚିତ ଭାବେ ଜଣେ ଦରିଦ୍ର ଅସହାୟ ବ୍ୟକ୍ତି ହୋଇଥାଇପାରେ'' ବୋଲି ଭାବିଲେ। ତା'ର ଦାରିଦ୍ର୍ୟସ୍ଥିତିକୁ ଦେଖି ତାଙ୍କ ମନ ଦୟାରେ ଦ୍ରବୀଭୂତ ହୋଇଗଲା।



ଘଣ୍ଟି ବଜେଇ ପୁଣି ଥରେ ରିକ୍ସାବାଲା କହିଲା– ''ବାବୁ! ଚାଲନ୍ତୁ... କୁଆଡ଼ିକି ଯିବେ କୁହନ୍ତୁ... ପହଁଚେଇ ଦେବି।''

– ''ଶିବତାଲା ଯିବାଲାଗି କେତେ ନଉଚ ?''

– ''ଛଅ ପଇସା।''

''ଆଚ୍ଛା, ଠିକ୍ ଅଛି, ଚାଲ'' କହିଦେଲେ। ହେଲେ ରାଘବ ସରକାର ରିକ୍ସା ଉପରକୁ ନ ଉଠି ସେଇମିତି ପାଦରେ ଚାଲୁଥାଆନ୍ତି।

– ''ଆସନ୍ତୁ ବାବୁ ! ରିକ୍ସାରେ ବସନ୍ତୁ'' ରିକ୍ସାବାଲା ତାଙ୍କ ପଛରେ ଗୋଡ଼େଇ ଗୋଡ଼େଇ ଅନୁରୋଧ କରୁଛି।

– ''ତୁମେ ଚାଲ'' କହି ସେ ସେହିପରି ଚାଲିଥାନ୍ତି।

ରିକ୍ସାବାଲା ରିକ୍ସାର ଗତି ଟିକିଏ ବଢ଼େଇ ଦେଲା। ରାଘବ ସରକାରଙ୍କ ପାଦର ଗତି ତଦନୁରୂପ ତ୍ୱରାନ୍ୱିତ ହେଲା। ମଝିରେ ମଝିରେ ଉଭୟଙ୍କ ମଧ୍ୟରେ କଥାବାର୍ତ୍ତା ଚାଲିଥାଏ। ''ଆସନ୍ତୁ, ରିକ୍ସାରେ ବସନ୍ତୁ'' ଡାକୁଥାଏ ରିକ୍ସାବାଲା।

– ''ତୁମେ ଚାଲ'' କହି ଚାଲିଥାଆନ୍ତି ରାଘବ ସରକାର । ଶିବତାଲା ପହଞ୍ଚିବାକ୍ଷଣି ପକେଟରୁ ଛଅ ପଇସା ବାହାର କରି ରିକ୍ସାବାଲାକୁ ବଢ଼େଇ ଦେଇ 'ନିଅ ତୁମ ପ୍ରାପ୍ୟ' ବୋଲି କହିଲେ।

– ''ଆପଣ ତ ମୋ' ରିକ୍ସାରେ ବସିନାହାନ୍ତି'' ରିକ୍ସାବାଲାର ଯୁକ୍ତି।

– ''ମୁଁ କେବେ ରିକ୍ସାରେ ଚଢ଼େନି'' ରାଘବ ସରକାରଙ୍କ ପ୍ରତ୍ୟୁତ୍ତର।

– ''କାହିଁକି ?''

– ''ରିକ୍ସାରେ ଚଢ଼ିଯିବା ଅପରାଧ।''

''ଓଃ ! ଏଇ କଥା ? ତା'ହେଲେ ଆପଣ ଆଗରୁ କହିଦେବା ଉଚିତ ଥିଲା।'' ରିକ୍ସାବାଲାର ମୁହଁରେ ହେୟଭାବ ପ୍ରକାଶ ପାଉଥିଲା। ସେ ତା' ମୁହଁର ଝାଳକୁ ପୋଛି ଧୀରେଧୀରେ ରିକ୍ସା ଗଡ଼େଇ ଚାଲିଥିଲା।

– ''ହେଇ, ଏ ପଇସା ନିଅ।''

– ''ମୁଁ କାହାରିଠାରୁ ଭିକ୍ଷା ଗ୍ରହଣ କରେ ନାହିଁ'' କହି ଘଣ୍ଟି ବଜେଇ ବଜେଇ ରିକ୍ସାବାଲା ଆଗକୁ ମାଡ଼ିଗଲା।

**– ପ୍ଲଟ ନଂ : ୧୦୭୦ (ସି)**
**ଏଲ୍‌ଆଇସି ଅଫିସ୍ ପଛ, ନୟାପଲ୍ଲୀ, ଭୁବନେଶ୍ୱର**

# 'ସାହିତ୍ୟାୟନ'ର କବିତାଗୁଡ଼ିକ ଗୋଟିଏ ଗୋଟିଏ ନୀରବ ଚିତ୍ର




ମହାଶୟ,

✻ ୧୬–୨୯ ଅକ୍ଟୋବର, ୨୦୧୯ 'ସାହିତ୍ୟାୟନ' ପାଠକରି ଏ ପତ୍ର ପ୍ରେରଣ କରୁଛି। ଶରତ କୁମାର ରାଉତଙ୍କ ଲେଖା 'ଦୈନିକ ଆଶା ଓ ନବୀନ'ରୁ ଗତ ପଞ୍ଚତିରିଶ ବର୍ଷ ହେଲା ପଢ଼ି ଆସିଛି; ଯେଉଁ ହାତରେ ସେ 'ମାସନ୍ତ'କୁ ରୂପାନ୍ତରିତ କରିଯାଇଛନ୍ତି। ''ଅନ୍ତରେ ବାହୁନି ମୁହଁରେ ହସାଏ, ଏହି ମୋର ପରିଚୟ। ମରିସାରିଛି ମୁଁ ତଥାପି କରୁଛି ବଞ୍ଚିବାର ଅଭିନୟ।'' ସେ ହାତରେ 'ସ୍ମରଣୀୟ' ସ୍ତମ୍ଭରେ 'ଅରଣ୍ୟର ନିଆଁ'ରେ ନକ୍ସଲ କମାଣ୍ଡରର ମୃତ୍ୟୁ ସହ ପାଞ୍ଚ ଜଣ ପୁଲିସଙ୍କ ଶହୀଦ ହେବାରେ ଛାଡ଼ିଯାଇଛନ୍ତି ବିରାଟ ପ୍ରଶ୍ନବାଚୀ। ମନୋରଞ୍ଜନ ପଣ୍ଡାଙ୍କ 'ଈଶ୍ୱର' ସବୁଠାରେ ବିଦ୍ୟମାନ। ଗଙ୍ଗାଧର ବିଶ୍ୱାଳଙ୍କ 'କିସ୍‌କୁ' ଗଳ୍ପରେ ମିଳନର ଝଲକ ରହିଛି, ମାତ୍ର ଉତ୍କଣ୍ଠା ନାହିଁ। ବିନୟ କୁମାର ଦାସଙ୍କ ଅନୁସୃଜନ 'ଦେଶଭକ୍ତି'ର ତୁଳନା ନାହିଁ। ଆଜି ବି ଲାଞ୍ଚ, ମିଛ ପି.ସି. ତିଷ୍ଠି ରହିଛି ପୂର୍ବପରି। ପ୍ରଦୀପ କୁମାର ମହାପାତ୍ରଙ୍କ ଦୁଇଟି ନିର୍ବାଚନୀ ମିନିଗଳ୍ପ 'ବୁଢ଼ୀ ସହ ଭେଟ' ଓ 'ଇସ୍ତାହାର' ଉପସଂହାର ପଢ଼ିବା ପରି ମନଲାଖି ହୋଇଛି। ସୃଜନ–ସ୍ମୃତିରୁ ଡ. ଗୋପ ରଞ୍ଜନ ମିଶ୍ରଙ୍କ ''ପାଣିରେ ଛାଡ଼ିଦେଇଥିଲି ଜୀବନରେ ଧରିଥିବା ପ୍ରଥମ ମାଛ'' ପଢ଼ିଲେ 'ମଚ୍ଛଲୀରାନୀ' ରାଇମ୍‌ଟି ମନକୁ ଆସେ। 'ପହିଲି ପୁଲକ' ନ ଥିଲେ କ'ଣ ହେଲା 'ପ୍ରଥମ ବହି'ରେ ବାସନ୍ତୀ ମହାନ୍ତିଙ୍କ 'ରାଜଜେମା, ବିଲେଇ ଓ ଜୁଲି' ପ୍ରସଙ୍ଗ ଉଚ୍ଚକୋଟୀର ହୋଇଛି। 'ପୁସ୍ତକ ପରିଚୟ'ରେ 'ଆହାରେ ଅନାହାରରେ ବିବେକାନନ୍ଦ', 'ଆଧୁନିକ ଓଡ଼ିଆ ଗଦ୍ୟ ସାହିତ୍ୟ ପରିକ୍ରମା' ସଂଗ୍ରହ କରିବା ଭଳି ପୁସ୍ତକ। ପ୍ରଚ୍ଛଦରେ ଠେକୁଆ, ଫୁଲ ଖୁବ୍ ଚିତ୍ତାକର୍ଷକ। କବିତା ପୃଷ୍ଠାଟି ପ୍ରତି ସଂଖ୍ୟାରେ ଭାବପୂର୍ଣ୍ଣ ହୋଇଥାଏ। ବାସ୍ତବରେ କବିତାଗୁଡ଼ିକ ମଧ୍ୟ ଗୋଟିଏ ଗୋଟିଏ ନୀରବ ଚିତ୍ର। କବିତା ପିତା। ପ୍ରଥମେ ଭଲ ଲାଗି ନ ପାରେ, ମାତ୍ର ପରେ ହିତକର ହୋଇଥାଏ। ନୁହେଁ କି?

**– ପ୍ରତାପ ଚନ୍ଦ୍ର ପାଢ଼ୀ, ଗୋବିନ୍ଦନଗର,**
**ଗୋଳନ୍ଥରା, ଗଞ୍ଜାମ**

✻ ଅକ୍ଟୋବର ୩୦ – ନଭେମ୍ବର ୧୨, ୨୦୧୯ 'ସାହିତ୍ୟାୟନ' ପାଠକଲି। ମାତୃସ୍ନେହର ଉଷ୍ମ ପରଶ ପାଇ 'ସାହିତ୍ୟାୟନ'ର ପ୍ରଚ୍ଛଦରେ କୁଙ୍କୁରା କୁଙ୍କୁରି ହୋଇଥିବା କୋକିଶିଆଳ ଭଲ ଲାଗିଲା। ମୂଳହିନ୍ଦୀ– ବିବେକ ଗୁପ୍ତାଙ୍କର 'ଆହତ ଅପରାହ୍ନ'ରେ ରାମାଆର୍ ବାବୁ ଓ ଅମ୍ଲିଳା ବାଈଙ୍କୁ ଓକିଲ ଦେବେଶ ବାବୁ ଦି' ପୁଅଙ୍କୁ ବହୁତ ଆହତ କରିଛନ୍ତି। ଫୁଲରୁ ମହୁ କାଢ଼ିବା କୌଶଳ ଜାଣି କବିତା ଲେଖାରେ ପ୍ରଦ୍ୟୁମ୍ନ ବାବୁ ସତକୁ ସତ କେଶରୀ ପାଲଟି ଯାଇଛନ୍ତି। ଲଘୁଗଳ୍ପ 'ପିତୃଋଣ' ଭଲ ହୋଇଛି। 'ଅବଲୋକନ'ରେ ବିଜ୍ଞାନ ଭାଷା ଉପରେ ଉପସ୍ଥାପନାଟି ନୂତନ ଦିଗନ୍ତ ସୃଷ୍ଟି କରିଛି। ହଜାର ଲାଇନର କବିତାଠାରୁ ମଞ୍ଜିଟିଏ ଭଲ 'ମୁଦ୍ରା ଉବାଚ'। ଏ ବିମୁଦ୍ରୀକରଣ ଯୁଗରେ ସୁନ୍ଦର ପରିକଳ୍ପନା 'ସେଦିନ ଚୈତ୍ରମାସ' ଗଳ୍ପଟି କିନ୍ତୁ ଭଲ ଲାଗିଲାନି। ଚିତ୍ର ୧,୨,୩ରେ କିଛି ସଂଯୋଗ ନ ଥିଲା ପରି ଲାଗିଲା। ସତରେ ସହରର ଜହର କେତେ ମନୋହର ଠିକ୍ ଦର୍ଶାଇଛନ୍ତି ଲେଖକ ମହାଶୟ। ସବୁତକ କବିତା ଭଲ ଲାଗିଲା। ଶାରଦୀୟ ପତ୍ରିକାଗୁଡ଼ିକର ସମୀକ୍ଷା ଯଥାଯଥ ହୋଇଛି।

**– ସୁସ୍ମିତା ପୁରୋହିତ, ସଦେଇପାଲି,**
**ନୂଆ କଲୋନୀ, ବୁର୍ଲା ସମ୍ବଲପୁର**

✻ ୧୩–୨୬ ନଭେମ୍ବର, ୨୦୧୯ 'ସାହିତ୍ୟାୟନ' ବହୁତ କଷ୍ଟରେ ପାଇ ପଢ଼ିଲି। 'ଧରିତ୍ରୀ' ବିକ୍ରୟ କରୁଥିବା ବ୍ୟକ୍ତିଙ୍କୁ ଧରିତ୍ରୀର ବିତରକ ସାବଧାନ ନ କରିବାରୁ ସେ ପୂର୍ବବତ୍ 'ସାହିତ୍ୟାୟନ' ବୁଧବାର ଦୈନିକ ସହିତ ନ ଦେଇ ରଖିଦେଉଛନ୍ତି। ଶ୍ରୀଜଗନ୍ନାଥଙ୍କ ମୁଦ୍ରଣ ସେବକ ତଥା ଏକନିଷ୍ଠ ସାରସ୍ୱତ ବ୍ୟକ୍ତିତ୍ୱ। ପୀତବାସ ରାଉତରାୟଙ୍କ ସାଙ୍କେତିକ ଦୁଇଟି ପ୍ରଶ୍ନଗଳ୍ପ 'ନୂଆ ପୁରୁଣା' ଓ 'କୁକୁର ପ୍ରତି ସାବଧାନ' ଅତି ସୁଖପାଠ୍ୟ ଲାଗିଲା। ଡ. ତ୍ରିନାଥ ପଟ୍ଟନାୟକଙ୍କ ବିସ୍ମୃତିର ପଥେ ଓଡ଼ିଆ ଭାଷା ଏକ ସାରଗର୍ଭକ ଓଡ଼ିଆ ଭାଷା ଜ୍ଞାନ ବିଷୟକ ପ୍ରବନ୍ଧ। ସେ ପ୍ରଦାନ କରିଥିବା ଓଡ଼ିଆ ବର୍ଣ୍ଣାକ୍ଷର ସାରଣୀ କେବଳ ବ୍ୟଞ୍ଜନବର୍ଣ୍ଣ ଦର୍ଶାଇଥିବା ବେଳେ ସ୍ୱରବର୍ଣ୍ଣ ସାରଣୀ ଦେଇଥିଲେ। ପ୍ରବନ୍ଧଟି ସମ୍ପୂର୍ଣ୍ଣ ଲାଗିଥା'ନ୍ତା। ଲେଖକଙ୍କୁ ଧନ୍ୟବାଦ ଜଣାଉଛି। ଡବଲିନ୍ ଆମେରିକାରେ ରହୁଥିବା ଫାଲୀହା ହାସନ୍‌ଙ୍କୁ ଯେତେ ଧନ୍ୟବାଦ ଦେଲେ କମ୍ ହେବ, କାରଣ ସେ ଜଣେ ମୁସଲିମ୍ ମହିଳା ଏବଂ ପ୍ରବାସିନୀ ହେଲେ ହେଁ କବୟିତ୍ରୀ/ କବିଙ୍କ ନିମନ୍ତେ ଓ ଓଡ଼ିଆ ଭାଷା ସକାଶେ ଧନ୍ୟବାଦାର୍ହ। କବିତା 'ମୋ ସ୍ୱାମୀ ଜାଣନ୍ତିନି ମୁଁ ଜଣେ ନାରୀ' ଅନେକ ସନ୍ଦେଶ ପ୍ରଦାନ କରୁଛି। କବିତାଗୁଡ଼ିକ ସୁନୀଳ ରାତି ଆକାଶରେ ଝିକିମିକି ତାରକା ପରି ହେଲେ ହେଁ ଗୀତି–କବିତାଟି ଧ୍ରୁବତାରା ପରି ଉଜ୍ଜ୍ୱଳ ଲାଗିଲା। କବୟିତ୍ରୀ ଅଙ୍ଗୁରବାଳା ପରିଡ଼ାଙ୍କ ଅନୁଭୂତି ଭରା ଲେଖା ଭଲ ଲାଗିଲା। 'ସାହିତ୍ୟାୟନ'ର ସମ୍ପାଦନା ତଥା ଲୋକପ୍ରିୟତା କବି/ ଲେଖକମାନଙ୍କ ନିମନ୍ତେ ଉପାଦେୟ ଥିବାରୁ ଏହାର ମୁଦ୍ରଣ କାଗଜ 'ଧରିତ୍ରୀ' ନୂତନ ପ୍ରକାଶନ ସମୟର ଧଳା/ଟାଣ କାଗଜରେ ହେଲେ ସାଇତି ରଖିବାକୁ ଭଲ ହୁଅନ୍ତା। ଡ. ବାବାଜୀ ଚରଣ ପଟ୍ଟନାୟକଙ୍କ ଲେଖା ନିମନ୍ତେ ଧନ୍ୟବାଦ।

**– ଶ୍ରୀରାମଚନ୍ଦ୍ର ଦାଶ(ମଳୟ),**
**ବିଦ୍ୟାଧରପୁର, ଗୁଆଲିଗୋରଡ଼ା, ଗବକୁଣ୍ଡ, ପୁରୀ**

✻ ଭାରତ ପ୍ରସିଦ୍ଧ ଭଦ୍ରକର ଦଶଦିନ ବ୍ୟାପୀ ଗଣପର୍ବ କାଳୀପୂଜା ମଧ୍ୟରେ 'ସାହିତ୍ୟାୟନ' ୩୦ ଅକ୍ଟୋବର–୧୨ ନଭେମ୍ବର ସଂଖ୍ୟା ହସ୍ତଗତ ହେଲା। ଅନୁବାଦ ଗଳ୍ପ 'ଆହତ ଅପରାହ୍ନ' ଭଲ ଲାଗିଲା। ସେନାପତି ପ୍ରଦ୍ୟୁମ୍ନ କେଶରୀ ଆମ ସମୟର ଏପରି ଜଣେ କବି, ଯାହାଙ୍କ କବିତାର ପ୍ରତିଟି ଶଦ୍ଦ କଥା କୁହେ। 'ଅବଲୋକନ' ଭାବଗର୍ଭକ। ଓଡ଼ିଆ ଭାଷାର ଅନ୍ୟତମ ଗର୍ବ ହୃଷୀକେଶ ପଣ୍ଡାଙ୍କ ଗଳ୍ପ ପ୍ରକାଶ କରିବା ନିମନ୍ତେ ଅନୁରୋଧ।

**– ଅରୁଣ କୁମାର ନାୟକ, ମାନସ କୁମାର ଯେନା,**
**ଏରେଇଁ, ଚରମ୍ପା, ଭଦ୍ରକ**

ସାହିତ୍ୟାୟନ

**ଲେଖା ପଠାଇବାର ଠିକଣା**

**ସମ୍ପାଦକ ଧରିତ୍ରୀ, ବି–୧୫, ରସୁଲଗଡ଼ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦**
email: dharitrisahityayana@gmail.com

**ସାହିତ୍ୟାୟନ ପ୍ରତି ୧୫ ଦିନରେ ଥରେ ପ୍ରକାଶ ପାଏ । ମୌଳିକ ଗଳ୍ପ, କବିତା, ଅନୁବାଦ ଗଳ୍ପ, ବ୍ୟଙ୍ଗ ଓ ଲଳିତ ନିବନ୍ଧକୁ ପ୍ରାଧାନ୍ୟ ଦିଆଯାଏ। ପ୍ରଥମ ପ୍ରକାଶିତ ପୁସ୍ତକ/ଲେଖାକୁ ନେଇ ବିଶେଷ ଅନୁଭୂତି, ଭାରତୀୟ ଓ ବିଶ୍ୱ ସାହିତ୍ୟ ଉପରେ ଆଧାରିତ ଲେଖା ସ୍ଥାନିତ ହୁଏ। ଆଗ୍ରହୀ ଲେଖିକା/ଲେଖକ ନିମ୍ନ ଠିକଣାରେ ଲେଖା ପଠାଇପାରିବେ। ଜେରକ୍ସ କପି ଗ୍ରହଣୀୟ ନୁହେଁ। ପୂରା ଠିକଣା ଓ ମୋବାଇଲ ନମ୍ବର ଦେବାକୁ ଅନୁରୋଧ।**

Printed and published by Tathagata Satpathy on behalf of Samajbadi Society and printed at Navajat Printers, B-15, Industrial Estate, Rasulgarh, Bhubaneswar-10 ସମ୍ପାଦକ: ତଥାଗତ ସତପଥୀ

**ଭଗବାନ ଜୟସିଂହ ସାମ୍ପ୍ରତିକ ଓଡ଼ିଆ କବିତାରେ ଏକ ବଳିଷ୍ଠ ସୃଜନ ପ୍ରତିଭା। ଚାରି ଦଶନ୍ଧିରୁ ଊର୍ଦ୍ଧ୍ୱ କାଳ କବିତା ରଚନା କରି ସେ ନିଜର ଏକ ସ୍ୱତନ୍ତ୍ର କାବ୍ୟିକ ପରିଚୟ ସୃଷ୍ଟି କରିପାରିଛନ୍ତି। ତାଙ୍କର କେତୋଟି ଖୁବ୍ ପରିଚିତ କାବ୍ୟଗ୍ରନ୍ଥ : 'ନିର୍ବାସନରେ ପକ୍ଷୀ', 'ଘୋଷଯାତ୍ରା', 'ଓଲଟ ଦୃଶ୍ୟ', 'ମାୟାଘେରରେ କାଳିଦାସ' ଓ 'ଫେରନ୍ତି ଘର'। ଓଡ଼ିଆ କବିତାର ନିରପେକ୍ଷ ବ୍ୟବଚ୍ଛେଦରେ ତାଙ୍କ ସମାଲୋଚକୀୟ କୃତି ବେଶ୍ ଉଜ୍ଜ୍ୱଳ।**

# ପ୍ରତ୍ୟେକଟି ମଣିଷ ମୋ କବିତାର କାଳିଦାସ, କବି କାଳିଦାସ ନୁହନ୍ତି...



ଭଗବାନ ଜୟସିଂହ

ଏ କବିତାଟିକୁ ମୋର ଏକ କାବ୍ୟ ସଂକଳନ 'ମାୟାଘେରରେ କାଳିଦାସ'ରୁ ନେଇଛି। ଦୀର୍ଘ ଚାରି ଦଶନ୍ଧିରୁ ଊର୍ଦ୍ଧ୍ୱ ସୃଜନ-ଯାତ୍ରାରେ ମୁଁ ଯେତେ ସବୁ ପ୍ରଶଂସା ବା ଆଦୃତି ହାସଲ କରିଛି, ତା'ର ବେଶୀ ଶ୍ରେୟ ରହିଛି 'ମାୟାଘେରରେ କାଳିଦାସ'ର । ଏହା ହେଉଛି ମୋର ଚତୁର୍ଥ କବିତା ସଂକଳନ ଏବଂ ଏଥିରେ ସଂଯୋଜିତ ୩୩ଟି କବିତା ଓଡିଶାର ବିଭିନ୍ନ ପତ୍ରପତ୍ରିକାରେ ପ୍ରକାଶ ପାଇଥିଲା।

'ମାୟାଘେରରେ କାଳିଦାସ' କେମିତି ରଚିତ ହେଲା, ତା ନେଇ ମୋର ଏକ ଖୁବ୍ ସୁନ୍ଦର ଅନୁଭୂତି ରହିଛି। ବେଶ୍ କିଛି ବର୍ଷ ତଳର ଘଟଣା- ଥରେ ପୁରୀରେ ଭୟଙ୍କର ବର୍ଷା ହେଲା, ଚାରି ପାଞ୍ଚ ଦିନ ଲଗାତାର ବର୍ଷାରେ ପୁରୀ ସହର ପ୍ରାୟ ଜଳାର୍ଣ୍ଣବ ହେଇଗଲା। ମୁଁ ରହୁଥିବା ଭଡ଼ାଘର ଚାରିପାଖରେ ଏମିତି ବର୍ଷା ଜଳ ଭର୍ତ୍ତି ହୋଇଗଲାଯେ ଘରୁ ପାଦ କାଢ଼ିବା ପୂରାପୂରି ଅସମ୍ଭବ ହୋଇପଡ଼ିଲା। ଏ ସମୟରେ ପୁରୀର ଜଣେ ବର୍ଷିଆନ୍ ସାହିତ୍ୟିକ ଦୁଇ ତିନିଥର ଚେଷ୍ଟା କରି ବି ମୋ' ଘରେ ପହଞ୍ଚି ପାରିଲେ ନାହିଁ। ବର୍ଷା ଟିକିଏ ଛାଡ଼ିଯିବାରୁ ଦିନେ ସକାଳେ ପହଞ୍ଚି ତାଙ୍କ ରଚିତ କବିତାଟିଏ ପଢ଼ି ମୋତେ ଚମତ୍କୃତ କରିଦେଲେ। ତାଙ୍କ କବିତାର ଶୀର୍ଷକ ଥିଲା ଜଳଘେରରେ ଜୟସିଂହ। ସେଦିନ ରାତିରେ ଜଳଘେରରେ ସହରକୁ ଦେଖି କାହିଁକି କେଜାଣି ମୁଁ ଦାର୍ଶନିକ ହୋଇ ପଡ଼ିଲି, ଜଳଘେରରେ ଆବଦ୍ଧ ସହର ପରି ଜୀବନକୁ ଘେରି ରହିଥିବା ମାୟାକୁ ମୁଁ ଅନୁଭବ କରିପାରିଲି। କେଜାଣି କିପରି ମାୟାର ଏକ ଅପୂର୍ବ ଅନନ୍ୟ ସମ୍ମୋହନ ମୋ' ଶିରା ପ୍ରଶିରାରେ ସଂଚରିଗଲା। ଘରେ ପହଞ୍ଚି ନିଜକୁ ପଚାରିବାକୁ ଲାଗିଲି- ମୁଁ କିଏ, ମୁଁ କାହିଁକି, କେଉଁଠୁ ଆସିଛି, କେଉଁଠିକି ଯିବି, ମୋ' ଜୀବନ ଯାତ୍ରାର ଆରମ୍ଭ କେଉଁଠି, ଶେଷ କେଉଁଠି ? ଏମିତି ଅନେକ ପ୍ରଶ୍ନ ମୋତେ ବାରମ୍ବାର ଆନ୍ଦୋଳିତ କରିବାକୁ ଲାଗିଲା। ବିଛଣାରେ ପଡିରହି ଛଟପଟ ହେଲି। ସେଦିନ ରାତିରେ ମୁଁ 'ମାୟାଘେରରେ କାଳିଦାସ'ର ପ୍ରଥମ କବିତା ଲେଖିଲି।

ପ୍ରଥମ କବିତାଟି ସେଇ ମାସ 'ଝଙ୍କାର' ପତ୍ରିକାରେ ପ୍ରକାଶ ପାଇଲା। କବିତାଟିର ପ୍ରକାଶନ ପରେ ବହୁ ବନ୍ଧୁ ଶୁଭେଚ୍ଛୁ, ପରିଚିତ ଓ ଅପରିଚିତ ପାଠକଙ୍କ ଶ୍ରଦ୍ଧା ଓ ପ୍ରଶସ୍ତିପୂର୍ଣ୍ଣ ଚିଠି ପାଇଥିଲି। କବିତାର ଶେଷ କେଇଟି ଧାଡ଼ିରେ ଜୀବନର ଶୂନ୍ୟତା ଓ ନିଷ୍ଫଳତାର ପରିବେଷଣକୁ ପ୍ରଶଂସା କରିଥିଲେ ପାଠକମାନେ। କେହି କେହି ଶେଷ ଧାଡି ଯଥା: ''ଲାଗୁଚି/ ସବୁ ସ୍ୱପ୍ନର ଶେଷରେ/ପାଉଁଶ/ ପ୍ରତ୍ୟେକ ଭଗ୍ନାଶରେ ପ୍ରତିବିମ୍ବ/ଆହତ ଅହଂର।/ଦେଖୁନ/ଆଜି ମୁଁ ଯେଉଁ ଡାଳେ ବସିଅଛି/କାଟୁଛି ସେ ଡାଳ/ମୋ' ଭିତରେ ମୁଁ ହେଉଛି ଖଣ୍ଡ ଖଣ୍ଡ/ମୁଁ ତ ଏଇ ସଂସାରର ନିଭୃତ ମାୟାରେ।'' ମୂର୍ଖ କାଳିଦାସ ଜଣକ କିଏ ଏବଂ ସେ କ'ଣ ସଂସ୍କୃତ ମହାକବି କାଳିଦାସ କି ବୋଲି ପ୍ରଶ୍ନ କରିଥିଲେ। ମୁଁ ଉତ୍ତରରେ କାଳିଦାସ କୌଣସି ଐତିହାସିକ ବା ପୌରାଣିକ ଚରିତ୍ର ନୁହନ୍ତି, ଏପରିକି ତାଙ୍କ ଶୈଶବରେ ଗଛ ଡାଳରେ ବସି ରହି ତାର ଅଗ୍ରଭାଗକୁ କାଟୁଥିବା କବି କାଳିଦାସ ନୁହନ୍ତି ବୋଲି କହିଥିଲି। ମୋ ଦୃଷ୍ଟିରେ ସେ ହେଉଛି ଏକ ସାଧାରଣ ମଣିଷ ବା ପ୍ରତ୍ୟେକଟି ମଣିଷ, ଇଂରାଜୀରେ କହିଲେ every man ।

ଏଠି ଶବକୁ ଧରି କାନ୍ଦିବାର ଏକ ଦୃଶ୍ୟର ଅବତାରଣା କରିଛି ଏ କବିତାରେ। ମୋ' ଘର ପାଖର ଜଣେ ନବ ବିବାହିତା କଲେଜ ଛାତ୍ରୀଙ୍କ ସ୍ୱାମୀଙ୍କର ଆକସ୍ମିକ ବିୟୋଗ ଘଟିଛି। ଝିଅଟି ଶବକୁ ଧରି ଚୁଡି ପିଟିଦେବାର ଦୃଶ୍ୟରେ ମୁଁ ଯେତିକି ବ୍ୟଥିତ ହେଲି ତା'ଠାରୁ ବେଶୀ ଉଦାସ ହେଲି, ମାୟାର ଖେଳରେ ହାରିଯାଇଥିବା ଝିଅଟିର ବର୍ଷାଜଳ ପରି ବହିଯାଉଥିବା ଲୁହଧାରକୁ ଦେଖି। ଇଚ୍ଛା ହେଉଥିଲା ବୁଝେଇ ଦିଅନ୍ତି, ମାଆ, କାହିଁକି କାନ୍ଦୁଛ, କିଏ ତୋରି ସ୍ୱାମୀ, ତୁ' କା'ର ସ୍ତ୍ରୀ, କିଏ ତୋର ପିତା କିଏ ତୋର ମାତା, ସବୁ ମାୟାରେ ମାଆ ! ଏ ସଂସାରରେ ସବୁ କିଛି ମିଛ, ସବୁ କିଛି ଅସତ୍, ଅସଙ୍ଗତ। ପ୍ରତ୍ୟେକ ମଣିଷର ଲୋଭ, ମୋହ, ଶୋକ, ବିଷାଦ, କାମ କ୍ରୋଧ ସବୁ କିଛି ଅଳୀକ ଅମୂଳକ। ଏମିତି ଏକ ଅତ୍ୟନ୍ତ ବ୍ୟକ୍ତିଗତ ଅନୁଭୂତିରୁ ଜନ୍ମ ଲାଭ କରିଛି କବିତାଟି। ଏ କବିତାର ପଶ୍ଚାତ୍ ଭାଗରେ କୌଣସି ଏକ ନିକଟ ସମ୍ପର୍କୀୟଙ୍କ ଶବକୁ ଭିଡ଼ିଧରି କାନ୍ଦୁଛନ୍ତି କାଳିଦାସ। ମୃତ ଲୋକଟିର ମୁଦି ହେଇଯାଇଥିବା ନିରବ ନିଶ୍ଚଳ ଆଖିପତାକୁ ଦେଖିଲେ ଲାଗୁଚି ଯେମିତି ଆକସ୍ମିକ ଭାବରେ ତାଙ୍କ ଜୀବନ ଦୀପ ଲିଭିଯାଇଛି। ସହରର ଏପରି ଜଣେ ପ୍ରିୟ ମଣିଷଙ୍କ ମୃତ୍ୟୁ ଖବର ତାର ଗଳି ଉପଗଳିରେ ସଞ୍ଚରି ଗଲାବେଳେ ଏ ଦୁଃଖଦ ଶୋକାକୁଳ ପରିବେଶ ଭିତରେ ବାହୁନି ବାହୁନି କାନ୍ଦୁଛନ୍ତି କାଳିଦାସ। ଶୋକସନ୍ତପ୍ତ କାଳିଦାସଙ୍କୁ ଦେଖି ମୃତ୍ୟୁ ଯେ ଜୀବନର ଏକ ସ୍ୱାଭାବିକ ପରିଣତି, ଏବଂ ମୃତ୍ୟୁକୁ ନେଇ ଅନାବଶ୍ୟକ ଲୁହ ଢାଳିବା ନିରର୍ଥକ ବୋଲି ବୁଝେଇ ଦିଆଯାଇଛି କବିତାରେ। ଅବଶ୍ୟ ମୃତ୍ୟୁକୁ ନେଇ ମୁଁ ଅନେକ କବିତା ଲେଖିଛି, ହେଲେ ସେଦିନ ଏ କବିତାଟି ଲେଖିଲା ବେଳେ ବ୍ୟକ୍ତିଗତ ସ୍ତରରେ ମୁଁ ଅନେକଟା ବିବ୍ରତ ହେଇପଡ଼ିଥିଲି। ମନେପଡୁଛି କେମିତି ସେଦିନ ରାତିସାରା ମୁଁ ମୋର ପ୍ରତ୍ୟେକ ଲୋମକୂପରେ ମୃତ୍ୟୁକୁ ଅନୁଭବ କରୁଥିଲି, ଲାଗୁଥିଲା ମୃତ୍ୟୁ ଯେମିତି ଏକ ଗୋଠହରା ମାଙ୍କଡ ପରି ମୋ କୋଠରି ସାରା ବୁଲୁଛି, ମୋତେ ଯେମିତି ତାର ଅତୁଟ ଆତଙ୍କକୁ ସ୍ୱୀକାର କରିବାକୁ ବାଧ କରୁଛି, ଏବଂ ଧୀରେ ଧୀରେ ତାର ନିଶ୍ଚିତ ନିରାପଦ ଅସ୍ତିତ୍ୱ ଭିତରେ ମୁଁ ଲୀନ ହେଇଯାଉଛି...

## ମାୟାଘେରରେ କାଳିଦାସ

କାହାକୁ ଜାବୁଡ଼ି ଧରି ବାହୁନୁଛ
କାଳିଦାସ ? ସେ କିଏ ?
ତାଙ୍କ ନିଶ୍ଚଳ ନିସ୍ପନ୍ଦ ଆଖିରେ
ଜମିରହିଛି ହଠାତ୍ ହଜିଯିବାର ବିସ୍ମୟ
ତାଙ୍କ ଶୀତଳ ପାଦ ଓ ପାପୁଲିରେ
ଝୁଲି ରହିଛି କେଉଁଠି କିଛି
ଛାଡ଼ିଯିବାର ଅବସୋସ।

ଅନ୍ଧାର ରାତି, ଘଡ଼ଘଡ଼ି ଓ ବିଜୁଳିରେ
ବନ୍ଦ ହେଇଯାଇଛି ତାଙ୍କ ଓଠ
ଯେମିତି କିଛି କହିବାର ଉପକ୍ରମ
କରୁକରୁ ଅଟକି ଯାଇଛନ୍ତି ଶବ୍ଦ
ପେଚାଙ୍କର ଘନ ଘନ ଚିତ୍କାରରେ
ଖୋଲୁଖୋଲୁ ମୁଦି ହୋଇଯାଇଛି ପତ୍ର।

ସହରର ଗଳି। ଉପଗଳି।
ସବୁ ଦିଗରୁ ଶୁଭୁଛି ରାମ ନାମ
ସ୍ୱଜନଙ୍କ ଲୁହରେ ଭିଜିଯାଇଛି ଦିଗ୍‌ବଳୟ
ପତ୍ନୀଙ୍କ ଆତୁର ଚୁଡିରୁ
ଅବା ଦୁର୍ଘଟଣାର ଆକାଶରୁ
ପୋଛି ହୋଇଯାଇଛି ସୂର୍ଯ୍ୟ।
ତମେ କାହିଁକି କାନ୍ଦୁଛ କାଳିଦାସ ?
ତମ ଆଖିରେ କାହିଁକି ଏତେ ଲୁହ ?

ଲୁହରେ ଓଦାଓଦା ତମ ପଲକରେ
କାହିଁକି ଏତେ ଛିଣ୍ଡିଯିବାର ଭୟ ?
ସଂଶୟ ? ଅତ୍ୟାଚାର ?

ସେଇ ହିଁ ଜୀବନ
କାଳିଦାସ !
ଆଜି ଝରିଗଲେ କାଲି କି ଦି'ଦିନ
ଆଜି ଜମିଗଲେ କାଲି ହିଁ ପତନ।

●

## ତିନି କଥା

### ଆମେ ନାଉରୀ

ଶିବ ମିଶ୍ର

ନଟିଆ, ବଟିଆ ଦି'ଭାଇ। ଅନ୍ୟଦିନ ପରି ସେଦିନ ବି ସେ ଦୁହେଁ କାଠ ଆଣିବା ପାଇଁ ସକାଳୁ ସକାଳୁ ବଣକୁ ଗଲାବେଳେ ସ୍କୁଲ ପିଲାମାନେ ତ୍ରିରଙ୍ଗା ପତାକା ଧରି ଗାଁ ଦାଣ୍ଡରେ ଧାଡ଼ିବାନ୍ଧି ଚାଲୁଥିବାର ଦେଖି ନଟିଆକୁ ବଟିଆ ପଚାରିଲା- ସ୍କୁଲ ପିଲାମାନେ ତିନିରଙ୍ଗିଆ ବାନା ଧରି ବର୍ଷକୁ ଥରେ ଦି'ଥର ଏମିତି ଗାଁ ଦାଣ୍ଡରେ ଚାଲୁଛନ୍ତି କାହିଁକି ? ନଟିଆ ତାକୁ କିଛି ନ କହି ସେହି ପାଖ ଦେଇ ଚାଲିଥିବା ପିଲାଙ୍କ ଧାଡ଼ିର ଶେଷରେ ଥିବା ପିଲାଟିକୁ ଅଟକାଇ ପଚାରିଲା- ସ୍କୁଲ ଘରେ ବସି ପାଠ ନ ପଢ଼ି ଏମିତି ବାନା ଧରି ବୁଲୁଛ କାହିଁକି ? ପିଲାଟି କହିଲା- ଆଜି ଗଣତନ୍ତ୍ର ଦିବସ। ନଟିଆ ପଚାରିଲା- ସେଇଟା କ'ଣ ? ସେଇଟା ହେଲା- ''ଆମରି ନାଆର ଆମେ ନାଉରୀ'' ବୋଲି କହିଦେଇ ପିଲାଟି ଧାଇଁଯାଇ ସେ ଧାଡ଼ିରେ ମିଶିଗଲା। ଏ ଦି'ଭାଇ ଦଣ୍ଡେ ଠିଆହେଲେ, ତା'ପରେ ଆପଣା ବାଟରେ ଚାଲିଲେ। ବଣରୁ କାଠ ଆଣିଲେ, ବଜାରରେ ବିକିଲେ। ସଞ୍ଜ ଗଡ଼ିଲା ବେଳକୁ ଘରକୁ ଫେରିଲେ। ଏବେ ପୁଣି ନଟିଆକୁ ବଟିଆ ପଚାରିଲା- ଭାଇ ସକାଳେ ସେ ସ୍କୁଲ ପିଲାଟା କ'ଣ କହିଲା କିରେ ? ନଟିଆ କହିଲା- କେଜାଣି ସିଏ କ'ଣ କହିଲା, ମୁଁ ତା' କଥା ବୁଝିପାରିଲିନି। ବଟିଆ କହିଲା- ଚାଲ ଜେଜଙ୍କୁ ପଚାରିବା, କାଳେ ସିଏ ଜାଣିଥିବେ।

ଅନେଶ୍ୱତ ବର୍ଷିଆ ଜେଜ ଦୁଇ ହାତୁଆ ଆଣ୍ଠୁ ଉପରେ ଠାକରା ମୁହଁଟା ଥୋଇ ଦାଣ୍ଡପିଣ୍ଡାରେ ବସିଥିଲେ। ଦୁଇ ନାତିଙ୍କ ପ୍ରଶ୍ନ ଶୁଣି ନାଶମିଶା ଛେପ ଲେଣ୍ଡାକ ଥୁ କରିଦେଇ କହିଲେ- ଆମବେଳେ ବଣରୁ କାଠ ଆଣିବାକୁ ଗଲେ ସେବର ବଣ ଜଗୁଆଳି ଫିରିଙ୍ଗୀ ଚପରାସୀ ସାଇବକୁ ସଲାମ ଠୁକିବାକୁ ପଡୁଥିଲା। ନଟିଆ କହିଲା- ଏବେ ଆମେ କାଠ ଆଣିବାକୁ ଗଲେ ଦେଶୀ ଚପରାସୀ ବାବୁଙ୍କୁ ସଲାମ ଠୁକୁଛୁ, ପୁଣି ହାତଗୁଞ୍ଜା ବି ଦେଉଛୁ। ଜେଜ କହିଲେ- ଏମିତି କାହିଁକି କରୁଛ ଜାଣିଛ ? କାହିଁକି ନା ''ଆମେ ଚଳାଉଛେ ଦେଶ ଆମରି'' ବୁଝିଲ ତ ? ଦି'ଭାଇ ଏକାବେଳକେ ମୁଣ୍ଡ ଟୁଙ୍ଗାରି କହିଲେ- ହୁଁ। ଜେଜ ପଚାରିଲେ- କ'ଣ ହୁଁ? ଦି'ଭାଇ କହିଲେ- ଏଇଆଯେ, ଆମରି ନାଆର ଆମେ ନାଉରୀ।

*- ବାଣପୁର, ଖୋରଧା*

ବିଶେଷ ଗଳ୍ପ

# ମୁଟ୍‌ରୁ ଆସିବ

ସୁପ୍ରିୟା ପାଳ

ଡିସେମ୍ବର ଶେଷ ସପ୍ତାହର ମ୍ଳାନ ଅପରାହ୍ଣ। ବେଶ୍ ଶୀତଳ ପରିବେଶ। ସନ୍ଧ୍ୟା ହେବା ପୂର୍ବରୁ ପାହାଡ଼ିଆ ଶୀତ ବାଘ ପରି ମାଡ଼ିଆସୁଛି। ସାରା ଦିନର ବ୍ୟସ୍ତତା ପରେ ସନ୍ଧ୍ୟାରେ ହ୍ୱାଟ୍‌ସଆପ୍ ଚେକ୍ କଲା ବେଳେ ଦେଖିଲି ମିସେସ୍ ସେନ୍‌ଙ୍କର ନିମନ୍ତ୍ରଣପତ୍ର। ପନ୍ଦର ଦିନ ତଳେ କେବଳ ପଚାରିଥିଲେ ଯେ, ଏ ମାସର ଶେଷ ସପ୍ତାହରେ ମୁଁ ଘରେ ରହୁଛି ନା କୁଆଡ଼େ ଯିବି। ରହିବି ବୋଲି ଜାଣିବାରୁ ସେ ମୋତେ 'ଚିତ୍ରାୟନ'ର ବାର୍ଷିକ ଉତ୍ସବକୁ ନିମନ୍ତ୍ରଣ କରିଥିଲେ।

ଏମିତି ଚାରିବର୍ଷ ତଳେ ସେ ନିମନ୍ତ୍ରଣ କରିଥିଲେ।

ମିସେସ୍ ସେନ୍ 'ଚିତ୍ରାୟନ'ର ପ୍ରାଣପ୍ରତିଷ୍ଠାତ୍ରୀ। ତାଙ୍କ କୈଶୋରରେ ସେ ଏ ସହରକୁ ଆସିଥିଲେ ଚିତ୍ରକଳା ସମ୍ପର୍କରେ ପ୍ରଶିକ୍ଷଣ ନେବାକୁ। ଭଲ ଲାଗିଥିଲା ଏ କ୍ରମବର୍ଦ୍ଧିଷ୍ଣୁ ସହର, ସହରର ଗଳିକନ୍ଦି, ଲୋକ, ପର୍ବପର୍ବାଣି। ତାଙ୍କ ବାପା ଜମି କିଣି ଘର କଲେ। ବିବାହ ମଧ୍ୟ ଏଠି ହେଲା ମିସେସ୍ ସେନ୍‌ଙ୍କର। ଏ ସବୁ ଦୀର୍ଘ ପଚାଶବର୍ଷ ତଳର କଥା। ସ୍ୱାମୀଙ୍କ ସହଯୋଗରେ 'ଚିତ୍ରାୟନ' ଗଢ଼ିଲେ। ପ୍ରାୟ ଦୁଇ ଏକର ଜମିରେ ବିଭିନ୍ନ ବୃକ୍ଷଲତା, ପୁଷ୍ପ ସମ୍ଭାରରେ ଅନୁଷ୍ଠାନଟି ଏକ ବର୍ଣ୍ଣିଳ ଚିତ୍ରପଟ ପରି ମନେହୁଏ।

ଦିନେ ମିସେସ୍ ସେନ୍ କହୁଥିଲେ 'ଚିତ୍ରାୟନ'ର ସୃଷ୍ଟି କଥା। ବର୍ଣ୍ଣନା କରୁଥିଲେ ଛଳଛଳ ସ୍ୱରରେ– 'ସେତେବେଳେ ମୋତେ କେତେ ବା ବୟସ! କୋଡ଼ିଏ ଛୁଇଁଛି ତ ବାବା ବିବାହ କରିଦେଲେ। ମିଃ ପ୍ରଣୟ ସେନ୍‌ଙ୍କୁ ଥରଟିଏ ଦେଖିଥିଲି ଏକ ଏକ୍‌ଜିବିଶନରେ। ସେହି ପ୍ରତିଯୋଗିତାରେ ମୋ' ଚିତ୍ର ପ୍ରଥମ ପୁରସ୍କାର ଲାଭ କରିଥିଲା। ମିଃ ସେନ୍ ଚିତ୍ରଟି ଦେଖି ମୁଗ୍ଧ ହୋଇ ମୋତେ ସାକ୍ଷାତ୍ କରିଥିଲେ।

ଚିତ୍ରଟି ଥିଲା ବସନ୍ତ ଋତୁର। ସବୁଜ ଉପତ୍ୟକାରେ ଏକ ସରୋବର କୂଳରେ କାଠଚମ୍ପାର ଗଛ। ମଳୟ ପବନରେ ହ୍ରଦର ଜଳ ମଧ୍ୟକୁ ଫୁଲ ଝରୁଛି। ହ୍ରଦର ସ୍ୱଚ୍ଛ ଜଳ ମଧ୍ୟରୁ ଉପରକୁ ଉଠି ଆସୁଛି ଜଳପରୀ। ଦୁଇ ଗାଲରେ ହାତ ଦେଇ ବିସ୍ମୟରେ ଚାହିଁ ରହିଛି ଫୁଲଝରା ଗଛକୁ। ଗୋଲାପୀ ଓଠରେ ମଧୁର ହସ, ହରିଣୀ ପରି ନୀଳ ଆଖିରେ ବିସ୍ମୟର ନଦୀଟିଏ ଝରିଯାଉଛି। ଧୂସର କେଶଗୁଚ୍ଛ ପବନରେ ଉଡୁଛି। ଦେହ ଯେମିତି ଲହୁଣିରେ ଗଢ଼ା। ଝଲମଲ କରୁଛି ଲାଞ୍ଜ। ବହୁ ଦର୍ଶକ ପ୍ରଶଂସା କରିଥିଲେ ଏ ଚିତ୍ରଟିକୁ। ହେଲେ ମିଃ ସେନ୍‌ଙ୍କର ପ୍ରଶଂସା ସହ ମିଶିଥିଲା ଅନ୍ୱେଷା। ପଚାରି ବୁଝିଥିଲେ ଚିତ୍ରଟିର ପରିକଳ୍ପନା, ରଙ୍ଗ, ପରିଶ୍ରମ ସମ୍ପର୍କରେ। ବିଦାୟ ନେବାବେଳେ ହସନ୍ତ ସ୍ୱରରେ କହିଲେ– "ଏବେଠାରୁ ଆପଣ ଅକ୍ଷରା ରାୟ ନୁହେଁ, 'ଜଳପରୀ' ନାଁରେ ପରିଚିତ ହେବେ। ସେଇ ନାଁରେ ମୁଁ ସମ୍ବୋଧନ କରିପାରିବି ତ?" ମୁଁ କେବଳ ନିରବରେ ଚାହିଁ ମୁଣ୍ଡ ହଲାଇଥିଲି।

ସେଇ ସପ୍ତାହରେ ମିଃ ସେନ୍‌ଙ୍କ ଘରୁ ପ୍ରସ୍ତାବ ଆସିଥିଲା। ବାବା ତରବର ନ ହୋଇ ଭଲ ଭାବେ ବୁଝାବୁଝି କରି ବିବାହ ସମ୍ପନ୍ନ କରିଥିଲେ। ମିଃ ସେନ୍ ବେଶ୍ ମେଳାପୀ। ସାହିତ୍ୟ ଓ ଚିତ୍ରକଳା ପ୍ରତି ଯଥେଷ୍ଟ ଆଦର ଥିଲା। ତାଙ୍କ ପ୍ରେରଣାରେ 'ଚିତ୍ରାୟନ' ଗଢ଼ି ଉଠିଲା। ବହୁ ଶିଶୁ, କିଶୋର କିଶୋରୀ ଚିତ୍ରକଳା ଶିଖିବାକୁ ଆସିଲେ। ସେତେବେଳେ ଏତେ ବଡ଼ ଜମିରେ ମାତ୍ର ଦୁଇଟି ରୁମ୍ ଥିଲା। ଗୋଟିଏ ଅଫିସ ରୁମ୍ ଓ ଅନ୍ୟଟିରେ ଚିତ୍ରଶିକ୍ଷା ଦିଆଯାଉଥିଲା। ଧୀରେଧୀରେ ଛାତ୍ରଛାତ୍ରୀ, ଶିକ୍ଷକ, ଶିକ୍ଷୟିତ୍ରୀ ଓ ସହାୟକ ଆଦିଙ୍କ ସଂଖ୍ୟା ବଢ଼ି କୋଡ଼ିଏରେ ପହଞ୍ଚିଛି। ପ୍ରତ୍ୟେକ ମାସରେ ଚିତ୍ରକଳା ପ୍ରଦର୍ଶନୀ, ଆଲୋଚନା, ପ୍ରଶିକ୍ଷଣ କାର୍ଯ୍ୟ ହେଉଥିଲା। କ୍ରମଶଃ ବେସରକାରୀ ଓ ସରକାରୀ ସାହାଯ୍ୟ ମିଳିବାରୁ ଆଜି ଦୁଇ ମହଲାର ସୁନ୍ଦର କୋଠାଘର, ସୁଦୃଶ୍ୟ ମଞ୍ଚ, ଛାତ୍ରଛାତ୍ରୀଙ୍କ ପାଇଁ ଶ୍ରେଣୀଗୃହ ଏବଂ ଉପର ମହଲାରେ କେତେଗୁଡ଼ିଏ ଗେଷ୍ଟ ରୁମ୍ ମଧ୍ୟ ତିଆରି ହୋଇଛି। ଏପରିକି ବେଶ୍ ବଡ଼ ଏକ୍‌ଜିବିଶନ ହଲ୍‌ଟିଏ ସହ ଲାଇବ୍ରେରୀ ରହିଛି।

ଏଇ 'ଚିତ୍ରାୟନ' ମୋ' ଜୀବନ, ମୋ' ସ୍ୱପ୍ନ ଆଉ ଜ୍ୟେଷ୍ଠ ସନ୍ତାନ ମଧ୍ୟ। ତାକୁ ସବୁଜ ପୁଷ୍ପିତ କରିବାକୁ ଆମେ ଦୁହେଁ ସିଜିନାଲ ଫୁଲ ଲଗାଉ। ଶିଳ୍ପୀର ମନ ପ୍ରାକୃତିକ ପରିବେଶରେ ଉତ୍ତମ ସୃଷ୍ଟି କରିବାକୁ ଆଗ୍ରହୀ ହୋଇଉଠେ। ଆସିଲେ ଦେଖିବେ ଏଠିକାର ଛାତ୍ରୀଛାତ୍ରଙ୍କୁ, ସେମାନଙ୍କ ଶିକ୍ଷା ଓ ବିଶେଷକରି ଏ ପରିବେଶକୁ।

ଦୁଇଦିନ ପରେ ପୁଣି ମିସେସ୍ ସେନ୍ ଫୋନ୍ କଲେ। କହିଲେ– "କାର୍ଡ ପାଇଥିବେ ନିଶ୍ଚୟ। ସାଢ଼େ ଦଶଟା ବେଳେ ପ୍ରୋଗ୍ରାମ ଆରମ୍ଭ ହେବ। ଆପଣ ଶୀଘ୍ର ପହଞ୍ଚି ଫ୍ରେଶ୍ ହୋଇଯିବେ। ବ୍ରେକ୍‌ଫାଷ୍ଟ କରିବା ପରେ ପ୍ରୋଗ୍ରାମ ଆରମ୍ଭ କରିବା। ଆପଣଙ୍କୁ ଆଣିବା ପାଇଁ ମୁଟ୍‌ରୁକୁ କହିଛି ଓ ଆପଣଙ୍କ ଫୋନ୍ ନମ୍ବର ତାକୁ ଦେଇଛି।"



ମିସେସ୍ ସେନ୍‌ଙ୍କୁ ଧନ୍ୟବାଦ ଦେବା ସହ ମୁଟ୍‌ରୁ କିଏ ବୋଲି ପ୍ରଶ୍ନ କରିବା ପୂର୍ବରୁ ଫୋନ୍ କଟିଗଲା। ନେଟ୍‌ୱର୍କ ଅତ୍ୟନ୍ତ ଦୁର୍ବଳ ଥିଲା।

ମୁଟ୍‌ରୁ କିଏ ହୋଇପାରେ, ହୋଇପାରେ କେଜାଣି! ନାଁରୁ ଯାହା ଜଣାଯାଉଛି ସେ ବୋଧହୁଏ ମିସେସ୍ ସେନ୍‌ଙ୍କ 'ଚିତ୍ରାୟନ'ର କୌଣସି କର୍ମଚାରୀ ହୋଇଥିବ।

ପ୍ରୋଗ୍ରାମ ପୂର୍ବଦିନ ଅପରାହ୍ନରେ ମିସେସ୍ ସେନ୍‌ଙ୍କର ଫୋନ୍ ପାଇଲି। କହିଲେ– "ମୁଟ୍‌ରୁ ଆପଣଙ୍କ ସହ କଥା ହେବ। ତାକୁ ଦେଉଛି।" ମୁଁ ପରକ୍ଷଣରେ ଏକ ପୁରୁଷ କଣ୍ଠସ୍ୱର ଶୁଣିଲି– 'ମାଡାମ୍, ନମସ୍କାର। କାଲି ଆପଣଙ୍କୁ ମୁଁ ଆଣିବାକୁ ଯିବି। କେଉଁ ବସ୍‌ରେ ଆସିବେ?'

ସ୍ୱର ବେଶ୍ କୋମଳ, ଧୀର ଥିଲା। ମୁଁ ସାମାନ୍ୟ ଚିନ୍ତାରେ ପଡ଼ିଗଲି। କହିଲି– 'ଏ ପର୍ଯ୍ୟନ୍ତ ଠିକ୍ କରିନାହିଁ କେଉଁ ବସ୍‌ରେ ଯିବି। ବସ୍‌ରେ ବସିଲେ ଜଣାଇବି।' ଅପରପାର୍ଶ୍ୱରୁ ଶୁଣିଲି– 'ମୁଁ କାଲି ସାତଟା ବେଳକୁ ଫୋନ୍ କରିବି। ଧନ୍ୟବାଦ ମାଡାମ୍।'

ତା' ପରଦିନ ସକାଳୁ ପ୍ରସ୍ତୁତ ହେଉଛି ତ ଠିକ୍ ସାତଟା ବେଳକୁ ମୋବାଇଲରେ ଏକ ଅଜଣା ନମ୍ବରରୁ କଲ ଆସିଲା। ରିସିଭ୍ କରିବା ମାତ୍ରକେ ଶୁଣିଲି– 'ନମସ୍କାର ମାଡାମ୍। ବାହାରିଲେଣି ତ? କେଉଁ ବସ୍‌ରେ ଆସୁଛନ୍ତି?'

ଉତ୍ତର ଦେଲି– 'ଏବେ ବାହାରିବି। ଯେଉଁ ବସ୍ ପାଇବି ତା'ର ନାଁ ଓ ପହଞ୍ଚିବା ସମୟ ଆପଣଙ୍କୁ ଜଣାଇଦେବି।'

'ହଉ ଆଜ୍ଞା, ମୁଁ ଅପେକ୍ଷା କରିଥିବି।' ମୁଟ୍‌ରୁର ଧୀର ସ୍ୱର ଶୁଣିଲି।

ଅଧଘଣ୍ଟାଏ ପରେ ଯେଉଁ ବସ୍‌ରେ ବସିଲି ଓ ପହଞ୍ଚିବା ସମୟର ଦଶମିନିଟ୍ ପୂର୍ବରୁ ଅପେକ୍ଷା କରିବାକୁ ପୁଣି ଥରେ ମୁଟ୍‌ରୁକୁ ଜଣାଇଦେଲି।

ସକାଳର ଶୀତକୁ ସହ୍ୟ କରିବା କଠିନ ଥିଲା। କୁହୁଡ଼ିଆ ପାଗରେ ବସ୍ ଦ୍ରୁତଗତିରେ ଯାଉଥିବା ବେଳେ ଝର୍କାର ଫାଙ୍କ ଦେଇ ପଶି ଆସୁଥିବା ପବନ ଯେମିତି ବରଫର ଛୁରିଧାର ପରି ଆଘାତ କରୁଥାଏ। ହଠାତ୍ ଚିନ୍ତାଟିଏ ଧସେଇ ପଶି ଆସିଲା– ମୁଟ୍‌ରୁକୁ ମୁଁ ଚିହ୍ନିବି କେମିତି? ପୂର୍ବରୁ ଦେଖିନାହିଁ କି ଚିହ୍ନି ନାହିଁ। ତା'ର ବୟସ, ରଙ୍ଗ ସମ୍ପର୍କରେ କିଛି ଜାଣେ ନାହିଁ। କେମିତି ଚିହ୍ନିବି କେଉଁ ଲୋକ ବୋଲି? ଏବେ ତ ବଡ଼ବଡ଼ ସହରରେ ଅଦ୍ଭୁତ ଢଙ୍ଗରେ ଅପରାଧ ଘଟିଚାଲିଛି। କେତେବେଳେ କେଉଁ ଦୁର୍ଘଟଣା ଯେ ଅପେକ୍ଷା କରି ନ ଥିବ କିଏ ଜାଣେ? ତଥାପି ଲକ୍ଷ୍ୟ କରିଥିଲି ସେ କଥାବାର୍ତ୍ତା କଲାବେଳେ ମଝିରେ ମଝିରେ ସାମାନ୍ୟ ଅଟକିଯାଏ। ଠିକ୍ 'ସ' ପାଖରେ ଅଟକି ଯାଇ ବଡ଼ କଷ୍ଟରେ 'ସ୍ୟ' ଭାବେ ଉଚ୍ଚାରଣ କରେ। ଭାବିଲି କଥାବାର୍ତ୍ତା କଲେ ନିଶ୍ଚୟ ଏହା ଧରିପାରିବି।

ନିର୍ଦ୍ଧାରିତ ସମୟରେ ବସ୍ ଠିକଣା ସ୍ଥାନରେ ପହଞ୍ଚିଲା। ମୁଁ ବସ୍‌ରୁ ଓହ୍ଲାଇବା ମାତ୍ରକେ ଚାରି ଆଡ଼କୁ ଲକ୍ଷ୍ୟ କଲି, କେହି ମୋତେ ଅପେକ୍ଷା କଲା ପରି ଦିଶୁ ନ ଥିଲେ। ବାଧ୍ୟ ହୋଇ ଫୋନ୍ କଲି ଓ ମୁଟ୍‌ରୁର ସ୍ୱର ଶୁଣିଲି– 'ଆଜ୍ଞା', ବାଟରେ ଅଛି। ଏଇ ପାଞ୍ଚ ମିନିଟ୍ ଭିତରେ ପହଞ୍ଚିଯିବି।

ନିକଟରେ ମନ୍ଦିର ଥିଲା। ଏମିତି ଠିଆହୋଇ ଅନ୍ୟମାନଙ୍କର ଦୃଷ୍ଟି ଆକର୍ଷଣ କରିବା ଅପେକ୍ଷା ଠାକୁରଙ୍କୁ ଦର୍ଶନ କରିବାକୁ ଭିତରକୁ ଗଲି। ପନ୍ଦର କୋଡ଼ିଏ ମିନିଟ୍‌ରୁ ଊର୍ଦ୍ଧ୍ୱ ସମୟ ବିତିଗଲା ପଛକେ ମୁଟ୍‌ରୁର ଦେଖାନାହିଁ। ପୁଣି ଫୋନ୍ କଲା ବାଦ୍ ଶୁଣିଲି– 'ଆଜ୍ଞା, ପନ୍ଦର ମିନିଟ୍‌ରେ ପହଞ୍ଚୁଛି।'

ଭିତରେ ଭିତରେ ଯଦିଓ ବିରକ୍ତ ହୋଇ ସାରିଥିଲି, କେବଳ କହିଲି– 'ଶୀଘ୍ର ପହଞ୍ଚିବେ ବୋଲି ଆଶା କରୁଛି।'

ମିସେସ୍ ସେନ୍ ଫୋନ୍ କଲା ବେଳେ କହିଥିଲେ ଯେ, 'ଚିତ୍ରାୟନ'କୁ ଯିବା ରାସ୍ତାର ଏକ ପାର୍ଶ୍ୱ ଖୋଳା ହୋଇଛି। କେବୁଲ ବିଛା ହେବାରୁ ଏ ସମସ୍ୟା ହୋଇଛି। ମୁଖ୍ୟ ରାସ୍ତାରୁ ବଡ଼ ଗାଡ଼ିମୋଟର ଯାଇପାରୁନି। ସାଇକେଲ, ମୋଟରସାଇକେଲ ନଚେତ ଅତି ବେଶିରେ ଅଟୋ ଯାଇପାରୁଛି। ତାହା ପୁଣି ଅଟୋବାଲାର ମର୍ଜି ଉପରେ ନିର୍ଭର କରେ। ଏକଥା ଭାବୁଭାବୁ ନିଜ ଭିତରେ ଶାନ୍ତ ହେବାକୁ ଚେଷ୍ଟା କଲି। ବୁଲିବୁଲି ଦେଖିଲି ମନ୍ଦିର ସାମ୍ନାରେ ଥିବା ଦୋକାନ, ସୁସଜ୍ଜିତ ସାମଗ୍ରୀ, କିଣାବିକା, ରାସ୍ତାରେ ଚଳମାନ ମଣିଷର ସ୍ରୋତ ଓ ସେମାନଙ୍କର ବ୍ୟସ୍ତଭରା ଚଞ୍ଚଳତା।

ପ୍ରାୟ ପଚିଶ ମିନିଟ୍ ପରେ ଅଟୋଟିଏ ଆସି ରାସ୍ତା ଉପରେ ଅଟକିଲା ଓ ସେହିକ୍ଷଣି ମୋ' ଫୋନ୍ ରିଙ୍ଗ ହେଲା। ଫୋନ୍ ଉଠାଇବା ମାତ୍ରକେ ଶୁଣିଲି– 'ଆଜ୍ଞା ପହଞ୍ଚିଗଲି।'

ମୁଁ ସାମାନ୍ୟ ଉପରକୁ ଉଠିଯାଇ ଦେଖିଲି ଜଣେ ପତଳା, ଗେଡ଼ା, ଶ୍ୟାମଳ ବର୍ଣ୍ଣର ମଣିଷଟିଏ ଅଟୋରୁ ଓହ୍ଲାଉଛି। କାନ ପାଖରେ ଫୋନ୍। ବୟସ ଚାଳିଶ ହେବ। ଆଉ ପାଦେ ଆଗେଇ ଯାଇ ପ୍ରଶ୍ନ କଲି– 'ଆପଣ ନେବାକୁ ଆସିଛନ୍ତି?'

ସେ କ୍ଷଣଟିଏ ମୋତେ ଦେଖି ନେଇ କୌଣସି ଉତ୍ତର ନ ଦେଇ ଦ୍ରୁତ ଗତିରେ ଆଗେଇଗଲା ସାମ୍ନା ଫୁଟ୍‌ପାଥ ରାସ୍ତାରେ। ଦେଖିଲି ଡେଙ୍ଗା ଦାଢ଼ିଆ ଯୁବକଟିଏ ବସିଛି। ସାମ୍ନାରେ ବଡ଼ ନୀଳ ପଲିଥିନ ସିଟ୍। ସେଥିରେ ରୁଦ୍ରାକ୍ଷ, ଡେଙ୍ଗୁରିଆ, କେତେ ରଙ୍ଗର ପଥର, ମୁଦି, ରୁଦ୍ରାକ୍ଷ ହାର, ଶଙ୍ଖ, କଉଡ଼ି, ବିଭିନ୍ନ ମାଳି ଓ ଧାତୁ ସବୁ ସଜା ହୋଇ ରହିଛି। ସେ ସେଠାରେ ବସିଯାଇ ବିଭିନ୍ନ ଜିନିଷ ଦେଖିଲା। କ୍ଷଣକ ମଧ୍ୟରେ ଅନୁତପ୍ତ ହେଲି ଯେ ଭୁଲ ଲୋକଟିକୁ ମୁଟ୍‌ରୁ ବୋଲି ଭାବି ତାକୁ ପ୍ରଶ୍ନ କରୁଥିଲି। ପୁଣି ପଛକୁ ଫେରି ଆସି ନିରବରେ ଅପେକ୍ଷା କଲି। ମନେମନେ ସ୍ଥିର କଲି ଏବେ ଯଦି କୌଣସି ଅଟୋ ଆସେ, ତାହା ହେଲେ ଠିକଣା କହି 'ଚିତ୍ରାୟନ'କୁ ଏକା ଚାଲିଯିବି। ଦେଖିଲି ଅଟୋଟିଏ ଆସୁଛି ଓ ଯେମିତି ତାକୁ ହାତ ଦେଖାଇ ଅଟକାଇବାକୁ ବାହାରିଛି, ସେତିକିବେଳେ ଦାଢ଼ିଆ ଯୁବକ ପାଖରୁ ଚିଲ ଭଳି ଦୌଡ଼ି ଆସି ଲୋକଟି କହିଲା– 'ମାଡାମ୍, ମୁଁ ନେବାକୁ ଆସିଛି।'

ମୋ' ଭିତରେ ଏତେ ବିରକ୍ତି ଓ କ୍ରୋଧ ପୁଞ୍ଜିଭୂତ ହୋଇସାରିଥିଲା ଯେ, ତା'ର ଅଦ୍ଭୁତ ହାବଭାବରେ ରାଗ ବଦଳରେ ହସି ପକେଇଲି ଓ କହିଲି– 'ଶୀଘ୍ର ଚାଲନ୍ତୁ। ଯଥେଷ୍ଟ ବିଳମ୍ବ ହୋଇସାରିଲାଣି।'

ବାଟରେ ଯାଉଯାଉ ମୁଟ୍‌ରୁ ସଫେଇ ଦେଲା– "ଆଜ୍ଞା, ମୁଁ ଠିକ୍ ଟାଇମ୍‌ରେ ବାହାରିଥିଲି। ଯେଉଁ ଅଟୋକୁ କହିଥିଲି, ସେ ଆସିଲା, ହେଲେ ରାସ୍ତା ଦେଖି ପଳାଇଗଲା। ତା'ପରେ ବଡ଼ କଷ୍ଟରେ ଏ ଅଟୋକୁ ଧରି ବାହାରିଲି।"

ଅଳ୍ପ ସମୟ ପରେ ଉଚ୍ଚନୀଚ ରାସ୍ତା ଡେଇଁ 'ଚିତ୍ରାୟନ' ନିକଟରେ ପହଞ୍ଚିଗଲୁ। ଅଟୋରୁ ଓହ୍ଲାଇ ପ୍ରଶ୍ନ କଲି– 'କେତେ ଟଙ୍କା?' ମୁଟ୍‌ରୁ କହିଲା– 'ଆପଣ ଭିତରକୁ ଆସନ୍ତୁ। ଟଙ୍କା ଦେଇସାରିଛି।'

ସେ ଉପରକୁ ପାଛୋଟି ନେଲା। ଗେଷ୍ଟ ରୁମ୍‌ର ଚାବିଖୋଲି ଲାଇଟ୍ ଅନ୍ କଲା। ବାହାର ବାରଣ୍ଡାରେ ଧାରେ ସୂର୍ଯ୍ୟାଲୋକରେ ଚେୟାରଟିଏ ପକାଇ ଦେଲା। କହିଲା– 'ଭିତରେ ଶୀତ ଲାଗିଲେ ଏଇଠି ଟିକେ ବସିବେ। ମୁଁ ଜଳଖିଆ ଆଣୁଛି।'

ମୁଁ ବ୍ରେକ୍‌ଫାଷ୍ଟ ପାଇଁ ମନା କଲି। ଏତିକିବେଳେ ତଳୁ ଶୁଣାଗଲା– 'ଓଃ ଦାସ ବାବୁ, ଅଟୋକୁ ପଇସା ଦିଅ। ଅଟୋ ସେତେବେଳୁ ଠିଆ ହୋଇଛି।'

'ହଉ ଆଜ୍ଞା, ମୁଁ ତଳକୁ ଯାଉଛି।' ସେ ତରତର ହୋଇ ଚାଲିଗଲା।

ଯଥା ସମୟରେ ମିଟିଂ ଆରମ୍ଭ ହୋଇ ଖୁବ୍ ଭଲରେ ସରିଗଲା। ସେଦିନ ସନ୍ଧ୍ୟାରେ 'ଚିତ୍ରାୟନ'ର ମଞ୍ଚରେ ଅନୁଷ୍ଠିତ ହେଲା ନାଟକ। ଦୁଇଘଣ୍ଟା ପାଇଁ ହେଉ ପଛକେ ଶୀତରାତିରେ ନାଟକ ଉପଭୋଗର ମଜା ନୂଆ ପ୍ରକାରର ଥିଲା। ନାଟକ ରଚନା ସହ ନିର୍ଦ୍ଦେଶନା ମଧ୍ୟ ମିସେସ୍ ସେନ୍‌ଙ୍କର ଥିଲା। ଖୁବ୍ ଭଲ ଲାଗିଲା ନାଟକର ପରିକଳ୍ପନା ଓ ସଂଳାପ।

ରାତ୍ରଭୋଜନ ପରେ ରୁମ୍ ପର୍ଯ୍ୟନ୍ତ ଆସିଲେ ମିସେସ୍ ସେନ୍। କହିଲି– 'ସାରାଦିନ ବ୍ୟସ୍ତତା ଭିତରେ କଟିଛି। ଆସନ୍ତୁ ଭିତରକୁ।' ମିସେସ୍ ସେନ୍ ହସିଦେଇ ବସିଲେ। ଲାଗିଲା ସେ ବିବସିବାକୁ ଚାହୁଁଥିଲେ। ବସୁବସୁ କହିଲେ– 'ମୁଁ ପ୍ରଥମରୁ କ୍ଷମା ପ୍ରାର୍ଥନା କରୁଛି। ଜାଣିଥିଲି ଏମିତି କିଛି ଗଡ଼ବଡ଼ ହେବ ବୋଲି।'

ଆଶ୍ଚର୍ଯ୍ୟ ହୋଇ ପଚାରିଲି– 'ଆପଣ କେଉଁ ପ୍ରସଙ୍ଗରେ କହୁଛନ୍ତି?'

ମୋ' କଥା ଶୁଣିବା ମାତ୍ରକେ ମିସେସ୍ ସେନ୍ ହସନ୍ତ ସ୍ୱରରେ କହିଲେ– "ଏଇ ମୁଟ୍‌ରୁ କଥା। କ'ଣ କହିବି ତା' କଥା। ସପ୍ତାହେ ତଳେ ଜିଦ୍ ଧରିଲା ଏଥର ଫଙ୍କ୍‌ଶନର ଗେଷ୍ଟଙ୍କୁ ସେ ରିସିଭ୍ କରିବାକୁ ଯିବ। ଅନ୍ୟମାନେ ହସିଲେ, ମିଃ ସେନ୍ ଗାଳିଦେଲେ, ମୁଁ ବୁଝାଇଲି। ହେଲେ ସେ କେଉଁ ବୁଝିବ ଯେ! ଗେଷ୍ଟଙ୍କୁ ରିସିଭ୍ କରିବାର ଭୂତ ତ ତା' ମୁଣ୍ଡରେ ସବାର ହୋଇଛି। ଶେଷରେ ରୁଷିକରି ଦିନେ ଉପବାସ ରହିଲା। ବାଧ୍ୟ ହୋଇ ମୁଁ ହଁ ଭରିଲି। ହେଲେ ବୁଝିପାରୁଛି କି ହିନସ୍ତା ହୋଇଥିବେ।" ତାଙ୍କ ସ୍ୱରରେ ଅନୁତାପର ସ୍ପର୍ଶ ଥିଲା।

ତାଙ୍କୁ ସାନ୍ତ୍ୱନା ଦେବାକୁ ଯାଇ କହିଲି– 'ନା, ଏମିତି କିଛି ହଇରାଣ ହୋଇନାହିଁ। ଏ ଭଦ୍ରଲୋକ କ'ଣ ଆପଣଙ୍କର...?'

ମୋ ପ୍ରଶ୍ନ ନ ସରିବା ପୂର୍ବରୁ ମିସେସ୍ ସେନ୍ କହିଲେ– "ଗୋଟେ ଚମତ୍କାର ଷ୍ଟୋରି ଶୁଣିବେ? ଶୁଣନ୍ତୁ। ସେତେବେଳକୁ 'ଚିତ୍ରାୟନ' ଗଢ଼ିଉଠିଥିଲା। ଆମେ ସବୁ ମାମୁଘରକୁ ବୁଲିଗଲା ବେଳେ ସେଇଠି ଭେଟିଥିଲି ମୁଟ୍‌ରୁକୁ। ଲେଖାଯୋଖାରେ ମାଈଁଙ୍କ ଭାଉଜଙ୍କ ସମ୍ପର୍କୀୟ। ସେତେବେଳେ ତାକୁ କୋଡ଼ିଏ ବର୍ଷ। ତା' ବାପା ମା' ନାଁ ଦେଇଥିଲେ 'ମଟରଦାନା'। ଜାଣିଛନ୍ତି ତା' ନାଁ କାହିଁକି ମଟରଦାନା?" କହୁକହୁ ଉଚ୍ଛଳ ହସ ହସିଲେ।

ମୁଁ କିଛି ପଚାରିବା ପୂର୍ବରୁ ସେ ତାଙ୍କ କଥା ଆରମ୍ଭ କଲେ– "ସେ ବର୍ଷର ପ୍ରଥମ ମଟରଛୁଇଁ ଘରକୁ ଆସିଥାଏ। କିଛି ମଟରଛୁଇଁ ଛଡ଼ାଇ କଂସାରେ ରଖୁଥା'ନ୍ତି ତା'ର ମା'। ରାତିରେ ତରକାରି ହେବ। ହାତରୁ ଖସିଗଲା ମଟରଟିଏ ଓ ତାକୁ ତଳୁ ଗୋଟାଇ ଆଣି ପାଟିରେ ପକାଇଛନ୍ତି ତ ପ୍ରସବ ବେଦନା ଆରମ୍ଭ ହେଲା। ଜନ୍ମ ହେଲା ପୁଅଟିଏ ଓ ମା' ନାଁ ଦେଲେ 'ମଟରଦାନା'। ଏ ବିଚିତ୍ର ନାଁଟି ଧୀରେଧୀରେ ସଂକ୍ଷିପ୍ତ ଆକାର ଧାରଣ କରି ମୁଟ୍‌ରୁରେ ସୀମିତ ହୋଇଗଲା।"

କେବଳ ନାଁ ବିଚିତ୍ର ନୁହେଁ, ଯାର କାର୍ଯ୍ୟ ବି ବଡ଼ ବିଚିତ୍ର। ସ୍କୁଲରେ ପାଠପଢ଼ା ବି ଆହୁରି ଅଦ୍ଭୁତ ଥିଲା। ବିଦ୍ୟାରମ୍ଭ ଦିନ ସେ ଗାଧୋଇପାଧୋଇ ନୂଆ ଡ୍ରେସ୍ ପିନ୍ଧି ସ୍ଲେଟ ଖଡ଼ି ଧରି ଗୁରୁଜୀଙ୍କ ପାଖରେ ବସିଲା। ଗୁରୁଜୀ ତା' ମଥାରେ ଚନ୍ଦନଟୋପା ପିନ୍ଧାଇ ଖଡ଼ି ଛୁଆଁଇଲେ। ବ୍ରହ୍ମାବିଷ୍ଣୁ ମହେଶ୍ୱର କରି ସ୍ଲେଟ୍‌ରେ ତିନୋଟି ମୁଣ୍ଡଳି ବୁଲାଇ ଦେଇ ତାକୁ ଅନୁରୂପ କରିବାକୁ କହିଲେ। ସେ ଗୋଲ ବୁଲାଉ ବୁଲାଉ କହିଲା– 'ଗୁରୁଜୀ, ଏଇ ଗୋଟାଏ ଗୋଟାଏ ଗୋଲରେ ସବୁ ପାଠ ଅଛି ବୋଲି ଆପଣ କହିଲେ। ତା' ହେଲେ ତ ମୋ' ପାଠ ଶେଷ ହୋଇଗଲା!'

ଗୁରୁଜୀ ଟିକିଏ ହସି ଦେଇ ଉତ୍ତର ଦେଲେ– 'ନାଇଁରେ ବାଇଆ, ପାଠ ଆରମ୍ଭ ହୋଇନାହିଁ, ଶେଷ କେଉଁଠୁ ହେବ। ଏବେ ଅକ୍ଷର ଆରମ୍ଭ ହେବ।' କହି ତା'ଠାରୁ ସ୍ଲେଟ୍ ନେଇ ଅ ଆ ଇ ଈ ଲେଖିଦେଲେ। ସ୍ଲେଟ୍ ବଢ଼ାଇ ଦେଇ କହିଲେ– 'ନେ ବାବା, ଏଥରକ ଏଇଠୁ ପାଠ ଅଭ୍ୟାସ କର।' ମୁଟ୍‌ରୁ ସ୍ଲେଟ୍ ଓ ଚକ୍ ଖଡ଼ି ଧରିଲା। ଗୁରୁଜୀ ବଡ଼ ପାଟିରେ ଡାକି ଡାକି ଅକ୍ଷର ଚିହ୍ନାଇ ଦେଲେ। ଅଳ୍ପ କେତେକ୍ଷଣ ପରେ ଅକ୍ଷର ମଡ଼ାଇବା ପରିବର୍ତ୍ତେ ସେ ସ୍ଲେଟ୍ ଫୋପାଡ଼ି ଦେଲା। କାନ୍ଦ ଆରମ୍ଭ କରୁକରୁ କହିଲା– 'ମୁଁ ତେଲୁଣିପୋକଙ୍କୁ ମଡ଼ାଇ ପାରିବି ନାହିଁ।' ଗୁରୁଜୀ ବାଧ୍ୟ ହୋଇ ସେତିକିରେ ପାଠ ବନ୍ଦ କଲେ। ସାରା ମାସ ସେହିଭଳି କାନ୍ଦ ଓ ଜିଦ୍‌ରେ ବିତିଲା, ଅକ୍ଷର ଶିକ୍ଷା ଆଗେଇ ପାରିଲା ନାହିଁ। ତା'ର ମା' ତାକୁ ଅକ୍ଷର ଶିଖେଇବା ଆରମ୍ଭ କଲେ। ଛ' ମାସରେ ବର୍ଣ୍ଣମାଳା ଶିଖିଲି।

ଏଥରକ ସ୍କୁଲ୍ ଯିବା ପାଳି। ଥୟ ହୋଇ ସ୍କୁଲରେ ବସୁ ନ ଥିଲା। ପାଠ ପଢ଼ା ବେଳେ ଗୀତ ବୋଲୁଥିଲା ଏବଂ ଇଚ୍ଛା ହେଲେ ଘରକୁ ପଳାଇ ଆସୁଥିଲା। ହେଡ୍ ସା'ରେ ଦିନେ ତା' ବାପାଙ୍କୁ ଡାକି ସବୁ ଘଟଣା ଜଣାଇଲେ ଓ ଗାଉଁଲି ଛୁଆଙ୍କ ସଙ୍ଗତରେ ସେ ବେଶି ବିଗିଡ଼ି ଯିବାର ସମ୍ଭାବନା ଥିବାରୁ ତାଙ୍କ ପରିଚିତ ବନ୍ଧୁଙ୍କ ଆଶ୍ରମ ସ୍କୁଲ୍‌ରେ ଛାଡ଼ିବାକୁ ପରାମର୍ଶ ଦେଲେ। ସବୁ ବୁଝାବୁଝି କରି ମୁଟ୍‌ରୁକୁ ନେଇ ଆଶ୍ରମକୁ ଗଲେ। ନିର୍ମଳ ପରିବେଶ ଓ ଉପଯୁକ୍ତ ଶିକ୍ଷାଦାନ ତାକୁ ପରିବର୍ତ୍ତିତ କରିବ ବୋଲି ତା' ବାପାଙ୍କର ବିଶ୍ୱାସ ହେଲା। ତାକୁ ଛାଡ଼ିଦେଇ ଘରକୁ ଫେରିଲେ।

ମୁଟ୍‌ରୁ କାନ୍ଦକାନ୍ଦ ବିକଳ ଅବସ୍ଥାରେ ବାପାଙ୍କୁ ଡରି ଆଶ୍ରମରେ ରହିଲା। ତିନି ଚାରିଦିନ ପରେ ତା' ବାପା ଖଣ୍ଡିଏ ପୋଷ୍ଟକାର୍ଡ ମାଧ୍ୟମରେ ଆଶ୍ରମରେ ପହଞ୍ଚିବାର ନିର୍ଦ୍ଦେଶ ପାଇଲେ। ଆଶ୍ରମରେ ପହଞ୍ଚି ମୁଟ୍‌ରୁର କାଣ୍ଡ କାରନାମା ଶୁଣିଲେ। ପ୍ରଥମ ଦିନ ସମସ୍ତଙ୍କ ସହ ମିଶି ପଙ୍କ୍ତିଭୋଜନ କଲା। ରାତିରେ ପ୍ରଶ୍ନ କଲା– 'ଭାତ ଡାଲି ସାଙ୍ଗରେ ମାଛ ତରକାରି କାହିଁକି ଦେଉନାହଁ?' ଆଶ୍ରମରେ କେବଳ ସାତ୍ତ୍ୱିକ ଭୋଜନ ମିଳେ ବୋଲି ଉତ୍ତର ମିଳିଲା। ପରଦିନ ସକାଳୁ ନିଜ ବ୍ୟାଗ୍‌ପତ୍ର ସଜାଡ଼ି ବାହାରି ପଡ଼ିଲା। ବଡ଼ ଗୁରୁଜୀ ତାକୁ ବୋଧ ଦେବାରୁ ସେ ଅଟକିଲା, ହେଲେ ଆଇଁଷ ଖାଇଲେ ରହିବ ବୋଲି ସର୍ତ୍ତ ରଖିଲା। ବଡ଼ ମୁସ୍କିଲ ଅବସ୍ଥା, ସମସ୍ତେ ଅଡୁଆରେ ପଡ଼ିଲେ। ସେ ଆଶ୍ରମ ପାଖ ନାଳକୁ ଯାଇ କିଛି ଚୂନାମାଛ ଧରି ଆଣିଲା। ରୋଷେଇ ଘରକୁ ଯାଇ ରାନ୍ଧୁଣିଆକୁ ଦେଇ କହିଲା– 'ମୋତେ ଭାରି ଭୋକ କରୁଛି। ଶୀଘ୍ର ଭାଜିଦେଇ ବେସର କଲେ ମୁଁ ଭାତ ଖାଇବି।'

ଏସବୁ ଦେଖି ବଡ଼ ଗୁରୁଜୀ ବାଧ୍ୟ ହୋଇ ଚିଠି ପଠାଇଲେ। ବାପାଙ୍କଠାରୁ ଚଟକଣା ଖାଇ ମୁଟ୍‌ରୁ ଘରକୁ ଫେରିଲା। ପୁଣି ଗାଁ ସ୍କୁଲକୁ ଗଲା ପାଠ ପଢ଼ିବାକୁ।

ଇତିମଧ୍ୟରେ ତା' କାକାର ବିବାହ ଠିକ୍ ହେଲା। ମୁଟ୍‌ରୁ ମୁଣ୍ଡରେ ଭୂତ ପଶିଲା। ସିଏ ବି ବେଦିରେ ବସି ବାହା ହେବ। ତା' ପାଇଁ ବି କନ୍ୟା ଠିକ୍ ହେବା ଦରକାର। ସେ ବି ଦୋଳମୁକୁଟ ବାନ୍ଧି ଅଳତା ଲଗାଇ କନ୍ୟା ଆଣିବାକୁ ଯିବ। ସତକୁ ସତ କାକା ସାଙ୍ଗରେ ନୂଆ ଡ୍ରେସ୍ ପିନ୍ଧି ମଥାରେ ଚନ୍ଦନ ସିନ୍ଦୂର, ପାଦରେ ଅଳତା ଲଗାଇ, ବେକରେ କର୍ପୂର ମାଳ ପକାଇ ପାଲିଙ୍କିରେ ବସିଲା। କନ୍ୟାଘରେ ପହଞ୍ଚି ଜିଦ୍ କଲା– "ମୋ' କନ୍ୟା କାହିଁ? ତାକୁ ବି ଆଣ।" କାକା ବାଧ୍ୟ ହୋଇ ଜଣେ ନାରୀଙ୍କ କୋଳରେ ଥିବା ଶିଶୁ କନ୍ୟାକୁ ଦେଖାଇ କହିଲେ– "ଦେଖ୍ ଏଇ ତୋ'ର କନ୍ୟା। ବଡ଼ ହେଲେ ସେ ତୋ' ପାଖକୁ ଆସିବ ଓ ବାହାଘର ହେବ।" ଏ କଥାରେ ମୁଟ୍‌ରୁ ଖୁସି ଓ ଉତ୍ସାହିତ ଦିଶିଲା।



ଠିକ୍ ମାସକ ପରେ ସ୍କୁଲ୍‌ରୁ ଚିଲ ପରି ଘରକୁ ଦୌଡ଼ି ଦୌଡ଼ି ଆସିଲା ଓ ବାଟସାରା ଗୋଟିଏ କଥା ଦୋହରାଉଥାଏ– "ମୋ' କନ୍ୟା ଆସିଛି। ଆମ ବାହାଘର ହେବ।" ସମସ୍ତେ ଆଶ୍ଚର୍ଯ୍ୟ– କେଉଁ କନ୍ୟା କଥା ସେ କହୁଛି!



କାକାଙ୍କର ହାତ ଧରି ଟାଣି ନେଉନେଉ କହିଲା– 'କାକା, କନ୍ୟା ଆସିଛି ସ୍କୁଲ୍‌କୁ। ଶୀଘ୍ର ଚାଲ।' ସେମାନଙ୍କ ସହ କିଛି ପାଖ ପଡ଼ୋଶୀ ସ୍କୁଲ୍‌କୁ ଧାଇଁଲେ। ସମସ୍ତେ ପଚାରିଲେ ଘଟଣା ସମ୍ପର୍କରେ। ମୁଟ୍‌ରୁ ଯାହାଙ୍କୁ ଦେଖାଇଦେଲା, ସିଏ ହେଉଛନ୍ତି ନୂତନ ଶିକ୍ଷୟିତ୍ରୀ। କାକା ଦୁଃଖପ୍ରକାଶ କରି ଜଣାଇଲେ ଯେ ତାଙ୍କ ବିବାହ ସମୟରେ ମୁଟ୍‌ରୁର ଜିଦ୍‌ରେ ଅନେକ ସ୍ତ୍ରୀ ଲୋକଙ୍କ ଆଡ଼କୁ ହାତ ବଢ଼ାଇ ଜଣକ ହାତରେ ଥିବା ଶିଶୁକନ୍ୟାକୁ ଦେଖାଇଥିଲେ। ଏ ଭଦ୍ର ମହିଳାଙ୍କୁ ନୁହେଁ। ମୁଟ୍‌ରୁର ଭୁଲ ବୁଝାମଣାରୁ ଏଭଳି ଘଟିଛି।

ତା'ର ତୃତୀୟ ଶ୍ରେଣୀରୁ ପାଠରେ ଡୋରି ବନ୍ଧା ହେଲା। ସେ ନିଜେ ହିଁ ଡୋରି ବାନ୍ଧିଲା। ଅଧିକା ପାଠ ପଢ଼ି ଚାକିରି କରିବାକୁ ତା'ର ଇଚ୍ଛା ନାହିଁ କହି ସ୍କୁଲ୍ ଗଲାନାହିଁ। ତା' ବାପା ଭାବିଲେ ବିଲବାଡ଼ି କାମରେ ଲାଗିବ। ନା, ତା' ବି ହେଲା ନାହିଁ। ସକାଳୁ ସଞ୍ଜଯାଏ ସାନରୁ ବଡ଼ଯାଏ ଦଳେ ଛୁଆଙ୍କୁ ସାଙ୍ଗରେ ଧରି ବେତକୋଳି, କଣ୍ଟେଇକୋଳି ତୋଳା, ନଈକୂଳରେ ମାଛ, କଙ୍କଡ଼ା ଧରା, ବିଲକୁ ଯାଉଥିବା ଶଗଡ଼ରେ ବସିବା, ମନ୍ଦିର କୀର୍ତ୍ତନରେ ମିଶିବା, ଗାଁ ଅପେରା ପେଣ୍ଡାଲ ସଜାଇବା, ବୁଢ଼ାବୁଢ଼ୀଙ୍କୁ ମେଡିକାଲ ନେବା, ବିଭିନ୍ନ ମହୋତ୍ସବରେ ଅଣ୍ଟା ଭିଡ଼ି ଲାଗିପଡ଼ିବାରେ ଆନନ୍ଦ ପାଉଥିଲା।

ତାକୁ କୋଡ଼ିଏ ବର୍ଷ ହେବା ବେଳକୁ ମା' ଜିଦ୍ କଲା ବାହା କରିଦେଇ ବୋହୂ ଆଣିବ। ବହୁ କଷ୍ଟରେ ପାତ୍ରୀ ସନ୍ଧାନ କରାଗଲା। ମୁଟ୍‌ରୁ ମୁକୁଟ ପିନ୍ଧି ବରବେଶ ଧରି କନ୍ୟା ଘରେ ପହଞ୍ଚିଲା। ମାଇକ୍‌ରେ ଗୀତ ବାଜୁଥିଲା– 'ଅନାରଦାନା... ଅନାରଦାନା...', ମୁଟ୍‌ରୁକୁ ବରଣ କରି ଯଥାବିଧି ସମ୍ବର୍ଦ୍ଧନା ପରେ ଦଳଦଳ ସ୍ତ୍ରୀଲୋକ ଓ ଶିଶୁ, କିଶୋରୀମାନେ ବର ଦେଖିବାକୁ ଧାଇଁ ଆସିଲେ। ଦୁଇ ତିନୋଟି ଛୁଆ ମାଇକ୍ ତାଳେତାଳେ ଗୀତ ଗାଇଲେ–'ଅନାରଦାନା, ଅନାରଦାନା...। ଆଜି ନାନୀର ବର ଆସିଛି। ନାଁଟି ତା'ର ମଟରଦାନା।'

ଶିଶୁଙ୍କ ପରିହାସକୁ ବୁଝିବା ଶକ୍ତି ମୁଟ୍‌ରୁର ନ ଥିଲା। ସେ ରାଗିଯାଇ ବେକରୁ ବରଣମାଳା ଛିଣ୍ଡାଇ ଫୋପାଡ଼ି ଦେଲା ଓ ଏକମୁହାଁ ହୋଇ ପାଲିଙ୍କିରେ ବସି ଘରେ ପହଞ୍ଚିଗଲା। କାହାରି କଥା ଶୁଣିଲା ନାହିଁ। ଏକା ଜିଦ୍ କଲା– "ସେ ସହରକୁ ଯାଇ ଚାକିରି କରିବ। ସମସ୍ତେ ଆଶ୍ଚର୍ଯ୍ୟ ହେଲେ ଯେ ଚାକିରି କରିବ ନାହିଁ ବୋଲି ପାଠପଢ଼ିଲା ନାହିଁ। ପିଲାଦିନୁ ବାହାହେବ ବୋଲି କେତେକେତେ ସ୍ୱପ୍ନ ଦେଖୁଥିଲା, ଏବେ ଛୋଟଛୁଆଙ୍କ ପରିହାସରେ ବାହାବେଦିରୁ ଚାଲି ଆସିଲା।"

ମିସେସ୍ ସେନ୍ କଥା ବନ୍ଦ କରି ପାଣି ପିଇଲେ। ତାଙ୍କ କଥାକୁ ଅପେକ୍ଷା କଲି। ଅଳ୍ପ କେତୋଟି ମୁହୂର୍ତ୍ତ ପରେ ପ୍ରଶ୍ନ କଲି– 'ସେ ଝିଅଟିର କ'ଣ ହେଲା?'

ମିସେସ୍ ସେନ୍ ଉତ୍ତର ଦେଲେ– 'ଭାଗ୍ୟ ଭଲ ସେ ଝିଅଟିର, ଆଉ ସମସ୍ତଙ୍କର ମଧ୍ୟ। ମୁଟ୍‌ରୁର ମାମୁପୁଅ, ଯିଏକି ବରଯାତ୍ରୀ ହୋଇ ସାଙ୍ଗରେ ଯାଇଥିଲା, ତା' ସହ ବିବାହ ହେଲା। ପୁଅଟି ମାଇନର ସ୍କୁଲ୍‌ରେ ଚାକିରି ପାଇଥିଲା ସେଇବର୍ଷ। ଝିଅଟି ବେଶ୍ ସୁଖରେ ଅଛି। ଆଉ ତା' ପରଥର ମୋ' ମାମୁଙ୍କ ଘରକୁ ଯାଇଥିବାବେଳେ ମୁଟରୁକୁ ସାଙ୍ଗରେ ଆଣିଥିଲି। ଏକାଜିଦ୍ ଏଠିକୁ ଆସି ଚାକିରି କରିବ। କି ପାଠ ପଢ଼ିଛି ଯେ ତାକୁ ଚାକିରି ମିଳନ୍ତା! ଖାଇପିଇ ଘର ମଣିଷ ପରି 'ଚିତ୍ରାୟନ'ର ଦେଖାଶୁଣା କରୁଛି।

ଆପଣ ଭାବୁଥିବେ ବାଇଆଟେ ବୋଲି। ଏତେ ବର୍ଷ ଧରି ତାକୁ ଦେଖୁଛି ଭିନ୍ନ ମଣିଷଟିଏ ଭାବେ। ଆମପରି ଗତାନୁଗତିକ, ଲୋକମତରେ ଚାଲୁଥିବା ମଣିଷ ନୁହେଁ। ନିଜ ଇଚ୍ଛାର ଯେମିତି ମଣିଷ।

ମିସେସ୍ ସେନ୍‌ଙ୍କ କଣ୍ଠସ୍ୱର ସାମାନ୍ୟ ଓଦାଓଦା ଲାଗିଲା। ଲାଗିଲା ମୁଟ୍‌ରୁର ବର୍ତ୍ତମାନ ପାଇଁ ନୁହେଁ, ଭବିଷ୍ୟତ ପାଇଁ ଚିନ୍ତିତ। ତାଙ୍କ ପରି ଅନ୍ୟମାନେ ବୁଝିପାରିବେ ତ? ତାକୁ ନିଜର ଭାବେ ଗ୍ରହଣ କରିପାରିବେ ଓ ତା'ର ଶେଷ ଜୀବନ ପର୍ଯ୍ୟନ୍ତ ଭରଣପୋଷଣର ଦାୟିତ୍ୱ ନେବେ?

ରାତି ସାଢ଼େ ଏଗାରଟା ହୋଇ ସାରିଥିଲା। ତଳ ମହଲାର କୋଳାହଳ ଧୀରେଧୀରେ କମି ଆସୁଥିଲା। ମିସେସ୍ ସେନ୍ ଯିବାକୁ ଉଠିଲେ। ମୁଁ ପୁଣି ଥରେ ତଳକୁ ଆସି ତାଙ୍କୁ ଶୁଭରାତ୍ର ଜଣାଇ ଫେରିଲି। ରୁମ୍‌ର କବାଟ ବନ୍ଦ କରିଛି ତ ନକ୍ ହେଲା। କବାଟ ଖୋଲି ଦେଖିଲି ସାମ୍ନାରେ ମୁଟ୍‌ରୁ। କିଛି ପ୍ରଶ୍ନ କରିବା ପୂର୍ବରୁ କହିଲା– 'ଆପଣଙ୍କର କିଛି ଦରକାର ହେଲେ ଡାକିବେ। ଗୋଟାଏ ଡାକରେ ମୁଁ ପହଞ୍ଚିଯିବି। ଦିନସାରା ଟାୟାର୍ଡ ହୋଇଛନ୍ତି, ଚା' ପିଇବେ?'

କଥାରେ ପୂର୍ଣ୍ଣଚ୍ଛେଦ ପକାଇବାକୁ ଯାଇ କହିଲି– 'କାଲି ସକାଳୁ ଚା' ପିଇବି। ଭାବୁଛି କିଛି ଦରକାର ପଡ଼ିବ ନାହିଁ। ଶୁଭରାତ୍ର।'

ସେ ସ୍ମିତହସି ଫେରିଗଲା ପରେ ମୁଁ କବାଟ ବନ୍ଦ କଲି। ଭୋର୍‌ରୁ ନିଦ ଭାଙ୍ଗିଗଲା ଆଲାରାମ୍ ଶବ୍ଦରେ। ମୋତେ ଶୀଘ୍ର ଫେରିବାକୁ ହେବ। ଫ୍ରେଶ୍ ହୋଇ କବାଟ ଖୋଲିଛି ତ ଦେଖିଲି ଗୋଟେ ଚେୟାରରେ ବସିଛି ମୁଟ୍‌ରୁ। ଫ୍ଲାସ୍ ଓ ଟ୍ରେରେ କପ୍‌ପ୍ଲେଟ୍ ସଜେଇ ରଖିଛି। ଦେଖୁଦେଖୁ କହିଲା– 'ଗୁଡ୍‌ମର୍ଣ୍ଣିଂ ମାଡାମ୍। ଚା' ତିଆରି କରି ଅପେକ୍ଷା କରିଛି।'

ୱାଲ୍ କ୍ଲକ୍‌କୁ ଚାହିଁଲି। ଏବେ ମାତ୍ର ପାଞ୍ଚଟା ଦଶ। ବାହାରେ ଭୟଙ୍କର ଶୀତ ଓ ବହଳ କୁହୁଡ଼ି। ବିସ୍ମୟରେ ପଚାରିଲି– 'ଏତେ ଥଣ୍ଡାରେ କାହିଁକି ଉଠିଲେ? ମୁଁ ପରେ ଚା' ପିଇଥା'ନ୍ତି।'

"ମୁଁ କାଲି ଏଇ ପାଖ କରିଡରରେ ବସି ରହିଥିଲି। କାଳେ କେତେବେଳେ ଆପଣଙ୍କର କିଛି ଦରକାର ପଡ଼ିବ ବୋଲି ଅପେକ୍ଷା କରିଥିଲି। ରୁମ୍‌ରେ ଶୋଇଥିଲେ କାଳେ ଶୁଣିପାରି ନ ଥା'ନ୍ତି, ସେଥିପାଇଁ ଏଠି ବସିଥିଲି।" ସେ ଶିଶୁ ପରି ଛଳଛଳ ଦିଶିଲା। ସାରାରାତି ଅନିଦ୍ରା ରହି ଅତିଥି ସେବା ପାଇଁ ଅପେକ୍ଷା କରିଥିବା ସତ୍ତ୍ୱେ ମୁହଁ କେତେ ସଜଳ, ଆନନ୍ଦଭରା ଦିଶୁଛି!

ଏଭଳି ଆତ୍ମୀୟତାରେ ମୋ' ଆଖି ଓଦା ହୋଇଗଲା। 'କପେ ଚା' ଆଣି ରୁମ୍‌ରେ ପିଇବାବେଳେ ଆଖିରୁ ଲୁହ ଟପ୍‌ଟପ୍ ହୋଇ ଝରିପଡ଼ିଲା। ସତରେ ଏ ମଣିଷଟି ସମାଜର ଗତାନୁଗତିକ ଜୀବନର ମଣିଷଟିଏ ନୁହେଁ। ଠିକ୍ କହୁଥିଲେ ମିସେସ୍ ସେନ୍। ବସ୍ ଟାଇମ୍ ହୋଇ ଯାଉଥିଲା। ମୁଁ ରେଡି ହେବା ବେଳକୁ ମିସେସ୍ ସେନ୍‌ଙ୍କ ସମ୍ପର୍କୀୟ ଭଣଜା ଛାଡ଼ିବାକୁ ଆସି ପହଞ୍ଚିଗଲେ। ତଳକୁ ଓହ୍ଲାଇ ମୁଟ୍‌ରୁକୁ ଖୋଜିଲି। ଜାଣିଲି ପାଖକୁ ପରିବା ପାଇଁ ଯାଇଛି। ନା ଆଉ ଦେଖା ହୋଇପାରିଲା ନାହିଁ। ଅପେକ୍ଷା କରିଥିଲେ ବସ୍ ପାଇ ନ ଥା'ନ୍ତି।

X X X

ଫୋନ୍ ରିଙ୍ଗରେ ମୁଁ ବାସ୍ତବତାକୁ ଫେରି ଆସିଲି। ମିସେସ୍ ସେନ୍‌ଙ୍କ ଫୋନ୍ ଥିଲା। କହିଲେ– "ନିମନ୍ତ୍ରଣପତ୍ର ଦେଖିଲେ ତ। ଅନେକ ଦିନ ପରେ ଆମର ସାକ୍ଷାତ୍ ହେବ। ଦୁଇଦିନ ରହିବାକୁ ଅନୁରୋଧ। ଏଥରକ ଆଣିବାକୁ ଯିବ ବୋଲି ପୁଣି ଜିଦ୍ କରିଛି ମୁଟ୍‌ରୁ।"

ମୁଁ ସାମାନ୍ୟ ଉଚ୍ଚସ୍ୱରରେ ହସିଦେଇ ଉତ୍ତରଦେଲି– "ଏବେ ରାସ୍ତା ତ ଭଲ ହୋଇଯାଇଥିବ। ମୁଁ ନିଜେ ଡ୍ରାଇଭ୍ କରି ଯିବାର ପ୍ଲାନ୍ କରିଚି। ଠିକ୍ ସମୟରେ ପହଞ୍ଚିଯିବି।"

କାଲି ସକାଳୁ ପୁଣି ମୁଟ୍‌ରୁ ସହ ସାକ୍ଷାତ୍ ହେବ। ଦେଖାଯାଉ ଆଉ କେତେବେଳେ ନୂଆ କାହାଣୀ ଶୁଣିବାକୁ ମିଳିବ! ଆଉ ଥରେ ନୂଆ ଗପଟେ ଲେଖାଯିବ।...

# ଭିନ୍ନ ଏକ ଗାନ୍ଧୀ

ଝରଣା ପଟ୍ଟନାୟକ



ଭୋଦୁଅ ଶେଷରେ ଏ ଲଗାଣ ବର୍ଷା ଆଉ ତା'ପରର ମୁଣ୍ଡଫଟା ଖରା, ଜାଣି ହେଉନି ଆଗକୁ କ'ଣ ହେବ। ବର୍ଷା ତ ଖାଲଖମାରେ ରାଜ୍ କରୁଛି। ଇଆଡ଼େ ମୁଣ୍ଡଫଟା ଖରା ବିଲବାରିରେ କାମ କରୁଥିବା ଲୋକଙ୍କର ବଇରି ସାଜିଛି। ଚଲୁ କରିସାରିଲାଣି ଜୀବନକୁ। ସରକାରଙ୍କର ପାଣିପାଗ ବିଭାଗ ପକ୍ଷରୁ ସତର୍କବାଣୀ। ଆଗକୁ ଆହୁରି ବଡ଼ ଲଘୁଚାପ ଆସୁଛି। ଅକାଳ ହୁଂପା ମାରୁଛି। ଦୁଃଖର ଚାଦରରେ ଘୋଡ଼େଇ ପୋଡ଼େଇ ଅଣନିଃଶ୍ୱାସୀ କରିବ। ମୁହଁ ପୋଛି କାନ୍ଧରେ ଛୋଟ ଗାମୁଛାଟା ପକେଇ ଦେଇ ଅନାମ ଭାବୁଥିଲେ ଇୟେ ତ ଏକା ତାଙ୍କର ଦୁଃଖ ନୁହେଁ, ସମସ୍ତଙ୍କର ଦୁଃଖ। ସ୍କୁଲରେ ଛୁଆଙ୍କୁ ପଢ଼େଇଲାବେଳେ ଅନାମ ସାର୍ ଦୁଃଖ ସୁଖର କଥା କହନ୍ତି। ସୁଖ ପୁଣି ଫେରିବାକୁ ଅପେକ୍ଷା କରିବା କଥା ପିଲାଙ୍କୁ ବୁଝାନ୍ତି।

ଗଲା ବାତ୍ୟାରେ ପୁରୀ ଜିଲ୍ଲାର ପ୍ରାୟ ଗାଁ ତିନିପାଞ୍ଚିରୁ ଗଲା ପରି ନିଜର ସତ୍ତା ହରେଇଛି। ଏଯାଏଁ ପିଲାମାନେ ଚାଅଁଡ଼ା ତଳେ ବସି ସିଲଟରେ ଗାରଉଛନ୍ତି। ଗଛପତ୍ର ଯେତେ ଛାଇ ଦଉଥିଲେ ବେକ ଭାଙ୍ଗି ପଡ଼ିଛନ୍ତି। ଛପର ନ ଥିବା ଘର। କ'ଣ ବା ପଢ଼ିବେ ପିଲା। ଏ ଖରା ବି ଦାଉ ସାଧୁଛି।

ଘରକୁ ଫେରି ସୁନାମଣିକୁ ଖୋଜିଲେ ଅନାମ। ସୁନାମଣି ଯାଇ ମା' କ୍ଷେତ୍ରପାଳଙ୍କ ପାଖରେ ଅଧିଆ ପଡ଼ିଛି ବୋଲି ଶୁଣିଲେ। କିନ୍ତୁ କାହିଁକି? ତାଙ୍କରି ପୂଜା ପ୍ରାର୍ଥନାରେ କ'ଣ ଚାଳିଆ ଉଠିଯାଇ କୋଠା ହୋଇଯିବ ?

ସୁନାମଣିଙ୍କୁ ନେଇ ଘରକୁ ଫେରିଲାବେଳକୁ ହରି ପଧାନେ ବାଟ ଓଗାଳି କହିଲେ, ରହବା ! ଚିଠିଟା ଦେଖ୍। ସରକାରଙ୍କ ପାଖରୁ ଆସିଛି। ଅନାମ ରାଉତ ଚିଠିଟା ନ ଖୋଲି କହିଲେ, ''ତାହେଲେ ସରକାରଙ୍କଠୁଁ ଘର ତିଆରି ବାବଦ ଟଙ୍କା ଆସିଗଲା ? ମାଟି କାମୁଡ଼ି ପଡ଼ିଥିବା ଘର ପୁଣି ଠିଆ ହେବ ? ମୁଁ କହୁଥିଲି ନା, ଏ ଦୁର୍ଗାପୂଜା ଭିତରେ ଯାହା ଯେମିତି ହବ।

ନଈ ନ ଦେଖି ନଙ୍ଗଳା। ଆରେ ! ଏ ଚିଠି ମହାତ୍ମା ଗାନ୍ଧୀଙ୍କର ଜନମ ଦିନ ପାଳନ ପାଇଁ। ଟଙ୍କା ଚିଠି ଆସିଛି ବୋଲି ଭାବିନେଲୁ ?

ବାଟ ଭାଙ୍ଗିଲା ଅନାମଙ୍କ ଚିନ୍ତା। ପାଖ ନଡ଼ିଆଗଛରୁ ଖଣ୍ଡିଆ ବାହୁଙ୍ଗାଟେ ଖସିଲା। ଉପରକୁ ଅନେଇ ଅନାମ ଦେଖିଲେ ନଡ଼ିଆ ଗଛ ଯେତେ ଏଯାଏଁ ସ୍ୱାଭାବିକ ହୋଇ ନାହାନ୍ତି। ବାହୁଙ୍ଗାଗୁଡ଼ା ତଳମୁହାଁ ହେବା ପରିବର୍ତ୍ତେ ଆକୁଳରେ ଡାକ ପକଉଛନ୍ତି ସମୟଚକ୍ରକୁ ଛିନ୍ନଛତର ହୋଇ।

ପ୍ରକୃତିସ୍ଥ ହେଲେ ଅନାମ ରାଉତ। ହରି ପଧାନେ ଚିଠିଟା ଧରେଇ ଦେଇ କହିଲେ, ''ଅନାମ ! ତୁ ସବୁ ବୁଝିବୁ। ସଂଗ୍ରାମୀଙ୍କ ନାତି ପରା ତୁ। ଗାନ୍ଧୀଙ୍କର ଡାକରାରେ ଘର ଛାଡ଼ିଥିବା ତୋ' ଜେଜେଙ୍କ ପାଇଁ ତ ତୋର ପରିଚୟ ଏଠି। ତୁ ଠିକ୍ ବାଟରେ କାମଟା କରେଇ ପାରିବୁ।''

କାମଟା କ'ଣ ? ଆରେ ଚିଠିଟା ଖୋଲି ପଢ଼ୁନୁ ଅନାମ। କାଲି ଗ୍ରାମସଭା ଡାକ। ଗାନ୍ଧୀଙ୍କର ପ୍ରତିମୂର୍ତ୍ତି ଆମ ସ୍କୁଲ ପାଖରେ ସ୍ଥାପନା ହେବ। ଆଜି ହେଲା ଶୁକ୍ରବାର। ରବିବାର ଦିନ ଭୋବନିଶ୍ୱରରୁ ଲୋକ ଆସିବେ।

ଗାନ୍ଧିଜୀଙ୍କର ଶହେପଚାଶତମ ଜନ୍ମ ଜୟନ୍ତୀ। ସ୍କୁଲ ଛୁଆଙ୍କଠୁଁ ଆରମ୍ଭ କରି ଗାଁର ବୁଢ଼ା, ପିଲା, ସ୍ତ୍ରୀ ଲୋକ ସମସ୍ତେ ପାଳିବେ। ଭୁବନେଶ୍ୱରରୁ ମୂର୍ତ୍ତି ଆସିବ। ସ୍କୁଲ ଆଉ ବରଗଛ ମଝିରେ ଯୋଉ କୁଦ ଖଣ୍ଡକ ଅଛି, ସେଇଠି ବସିବେ ଗାନ୍ଧୀ। ସରକାରଙ୍କ ପାଖରୁ ଟଙ୍କା ଆସିବ।

ସେଦିନ ଗ୍ରାମସଭାରେ ବସିଥିବା ଯୁବକମାନେ ଟଙ୍କା ଆସିବା କଥା ଶୁଣି ହେଣ୍ଡି ମାରିଲେ। ବାତ୍ୟାରେ କ୍ଲବଘର ଟିଭିଟା ନଷ୍ଟ ହୋଇଯାଇଛି। ସେଇ ଟଙ୍କାରେ ନୂଆ କାନ୍ଥଟଙ୍ଗା ଟିଭିଟେ ଆସିବ।

ଅନାମ ରାଉତ ସେମାନଙ୍କର କଥା ହଜମ କରି ନ ପାରି ସେ ଜାଗା ଛାଡ଼ିଲେ। ଯୋଜନା ଏଇମିତି ବାଟବଣା ହୁଏ। କୋଉଥିଲାଗି ଆସିବ ଟଙ୍କା, ସେ ପୁଣି ଟିଭି କିଣାରେ, ଭୋଜିଭାତରେ ଲାଗିଯିବ। ଟୋକାମାନେ ଶାର୍ଟପ୍ୟାଣ୍ଟ୍ କିଣି ପକେଇବେ। ଗାନ୍ଧୀ ବୁଢ଼ାକୁ ଆଣି ଗାଁ ମୁଣ୍ଡରେ ଥୋଇଦେଲେ କ'ଣ ତାକୁ କିଏ ବୁଝିବେ, ଜାଣିବେ ?

ସେ ଦିନ ଭୁବନେଶ୍ୱରରୁ ଟଙ୍କା ନେଇ ଆସିଲେ ଦୁଇଜଣ ଲୋକ। ସରପଞ୍ଚ ନରି ମହାଳିକ ପୁଣି ସମସ୍ତଙ୍କୁ ଡାକି ବସେଇଲେ। କହିଲେ, ଜାଗାଟା ସଫା ହେବ, ସିମେଣ୍ଟ ଚାନ୍ଦିନୀ ହେବ, ଜନ୍ମଦିନ ପାଳନ ପାଇଁ କିଛି ରହିବ। ଏଇତ ମାତ୍ର ତିରିଶ ହଜାର। ରାଜମିସ୍ତ୍ରି, ମୂଲିଆ, ସିମେଣ୍ଟ, ବାଲିରେ ତିନିପା ଟଙ୍କା ବି ଅଣ୍ଟିବନି। ଅନାମ ରାଉତ ସେଇଠି ବସିଥିଲେ। କହିଲେ, ହାତରେ ଖୁବ୍ କମ୍ ସମୟ ଅଛି। ଭାଇ ! କାମଟା ତମେ ହାତକୁ ନିଅ।

ନରି ମହାଳିକ ଠିଆ ହେଇପଡ଼ି କହିଲେ, ସେଇ ଅନାମ ସବୁ ବୁଝୁ। ସ୍କୁଲ ପାଖ। କାମ ସେ ଦେଖିବ। ସଂଗ୍ରାମୀଙ୍କ ନାତି। ଆମ ଗାଁର ଟେକ ରଖିଛି ସବୁ କଥାରେ। ଏମ୍‌ଏଲ୍‌ଏ ଉଦ୍‌ଘାଟନ କରିବେ। କାମଟା ହେଇଯିବା ଦରକାର। ଅନାମ କହିଲେ– ନରି ଭାଇ ! ଟଙ୍କାଟା ରଖ। ସେ ବିଷମଞ୍ଜି ମୁଁ ହାତରେ ଧରିବନି।

ଟଙ୍କା ରଖିଲେ ନରି ମହାଳିକ। ଟିଭି ପାଇଁ ଚାଲିଗଲା କିଛି ଅଂଶ। ଲାଇବ୍ରେରି ଘରେ ରଙ୍ଗଚୂନ ଲାଗିଲା। ଇଆଡ଼େ ଏ ମଣିଷମରା ଖରା ଡାକି ଆଣିଲା ଅଝାଡ଼ ବର୍ଷାକୁ। ହରି ପଧାନେ ଗାଁ ପିଲାଙ୍କୁ ଧରି ଜାଗା ସଫା କରେଇଲେ। ରାଜମିସ୍ତ୍ରି ମଜୁରି ନେଇ ବସି ରହିଲେ। ବର୍ଷା ଛାଡ଼ିଲାନି। ଭୁବନେଶ୍ୱରରୁ ଗାନ୍ଧୀ ମୂର୍ତ୍ତି ଆସି ଅନାମ ଘର କାନ୍ଥଡ଼ାରେ ଆଉଜି ବସିଲେ।

କାମ ହେଇପାରିଲା ନାହିଁ। ତୁହାକୁ ତୁହା ବର୍ଷା। ଲଘୁଚାପ ମାଡ଼ରେ ଚାଷବାସ ବି ସତ୍ତା ହରେଇଲେଣି। ଅନାମ ଚିନ୍ତାରେ ପଡ଼ିଲେ। ଏଇ ସମୟରେ ନରି ମହାଳିକ ଆସି କହିଲେ, ''ଏ ତିନିହଜାର ରଖ। ମୋ' ଝିଅ ପାହାଚରୁ ଗଡ଼ିପଡ଼ି ଖଣ୍ଡିଆଖାବରା। ପୁରୀ ନେଇକି ଯାଉଛି।''

ଅନାମ ଚିହିଁକିପଡ଼ି କହିଲେ– ତିରିଶ ହଜାରରୁ ତିନି ହଜାର ! ଏମିତିବି ହାତରେ ସମୟ ନାହିଁ ସିମେଣ୍ଟ କୁଦଟେ କରିବାକୁ। ଟଙ୍କାର ଅକୁଳାଣକୁ କିଏ ମନକୁ ଆଣୁଛି।

ଅକ୍ଟୋବର ଦୁଇ ସକାଳ। ସ୍କୁଲ ଆଉ ବରଗଛ ମଝିର ମାଟିକୁଦ ଉପରେ ପଡ଼ିଛି ଖଦଡ଼ ଧଳା ଚାଦରଟେ। ଆକାଶ ମେଘଶୂନ୍ୟ। ଝାଙ୍କିପଡ଼ି ଛତା ସାଜିଥିବା ବରଗଛରେ ପକ୍ଷୀଙ୍କର ଚେଁଚାଁ ଶବ୍ଦ। ସୂର୍ଯ୍ୟରଶ୍ମିର ଛୁଆଁ ପକ୍ଷୀମାନଙ୍କୁ ଉଡ଼ାଣ ପାଇଁ ଶକ୍ତି ଯୋଗଉଛି।

ଉପାୟ ନ ପାଇ ଚକାମାଡ଼ି ନିଜ କୋଳରେ ଧରି ବସିଗଲେ ଅନାମ ଗାନ୍ଧୀମୂର୍ତ୍ତିକୁ। ଓଜନ ଭାରରେ ଅସ୍ତବ୍ୟସ୍ତ ଶରୀର ଆଉ ଆଖି। କିଛି ଯୁବକ ଆସି ଗାନ୍ଧୀଙ୍କ ବେକରେ ଫୁଲମାଳ ଲମ୍ବେଇ ଦେଲେ। ଦେଖିଲେନି କେହି ଅନାମକୁ। ତା' ଅବସ୍ଥାକୁ। ବିଭୋର ଆତ୍ମା ଓ ମହାକାର୍ଯ୍ୟର ଉଜ୍ଜ୍ୱଳ ବହ୍ନି ହୁଏତ ତା' କଷ୍ଟକୁ ଚାପି ଦଉଥିଲେ।

ଦିନ ବାରଟା। ଏମ୍‌ଏଲ୍‌ଏ ଆସିଲେ। ଗାନ୍ଧୀଙ୍କ ବେକରେ ଫୁଲମାଳ ଲମ୍ବେଇ ଦେଲେ। ସ୍କୁଲ ପିଲା ଆସିଲେ। ଚମକିପଡ଼ି କହିଲେ– ଇୟେ ତ ଆମ ଅନାମ ସାର୍! ସେତେବେଳକୁ ଅନାମ ରାଉତ ଷ୍ଟାଚ୍ୟୁ ପାଲଟି ଯାଇଥିଲା।

**– କୁଆଁସ, ଭଦ୍ରକ**

# ନୂଆ ଫାଣ୍ଡି

**ମୂଳହିନ୍ଦୀ- ଜୀତେନ୍ ଠାକୁର**

**ଅନୁସୃଜନ- ବିନୟ କୁମାର ଦାସ**

ଗାଁର ନାମ ଥିଲା ଶାନ୍ତିପୁର। ପ୍ରକୃତରେ ବି ସେଠି ଶାନ୍ତି ବିରାଜମାନ କରୁଥିଲା। ଗ୍ରାମବାସୀ ସରଳ ଓ ନିଷ୍କପଟ ପ୍ରକୃତିର ଲୋକ ଥିଲେ, କଠିନ ପରିଶ୍ରମ କରି ଚଳୁଥିଲେ। ସେମାନଙ୍କ ଭିତରେ କିଛି ପ୍ରକାରର ମନୋମାଳିନ୍ୟ ନ ଥିଲା। କିଛି ଗୋଟିଏ ବିପଦଆପଦ ଆସିଲେ ସମସ୍ତେ ଏକମନ ହୋଇ ତା'ର ମୁକାବିଲା କରୁଥିଲେ। ଗାଁ ମୁଖିଆଙ୍କୁ ସମସ୍ତେ ମାନୁଥିଲେ। ତେବେ ସବୁଠାରୁ ବଡ଼ କଥା ହେଲା ସେ ଗାଁରେ କେବେ ଚୋରି ହେଉ ନ ଥିଲା। କାହାରି ତ କିଛି ଅଭାବ ନ ଥିଲା, ଆଉ ଯାହାର ଯେତିକି ଥିଲା, ସେଥିରେ ସେମାନେ ସନ୍ତୁଷ୍ଟ ଥିଲେ। ତେଣୁ କିଏ କାହିଁକି ଚୋରି କରିବ ?

ସରକାରୀ ସ୍ତରରେ ସିଦ୍ଧାନ୍ତ ହେଲାଯେ ସେହି ଗାଁରେ ଏକ ପୋଲିସ ଫାଣ୍ଡି ପ୍ରତିଷ୍ଠା ହେବ। ହେଲା ବି। ଯେଉଁଦିନ ନୂଆ ଫାଣ୍ଡି ଉଦ୍‌ଘାଟନ ହେଲା, ସେଦିନ ଏକ ସଭାର ଆୟୋଜନ କରାଯାଇଥିଲା। ବକ୍ତାଗଣ ମାଇକ୍ ଧରି ଗର୍ଜିଲେ। ଗାଁରେ କୌଣସି ପ୍ରକାରର ବେଆଇନ କାମ ବା ଅପରାଧ ନ କରି ସମସ୍ତେ ସୁଖଶାନ୍ତିରେ ରହିବାକୁ ସେମାନେ ପରାମର୍ଶ ଦେଲେ। ଫାଣ୍ଡିରେ ପତାକା ଉତ୍ତୋଳନ କରାଗଲା। ଜାତୀୟ ସଙ୍ଗୀତ ଗାନ କରାଗଲା। ମିଷ୍ଟାନ୍ନ ବଣ୍ଟନ କରାଗଲା ଓ ସଭାକାର୍ଯ୍ୟ ସାଙ୍ଗ କରାଗଲା।

ଯିଏ ଯାହା ଘରକୁ ଫେରିଗଲେ। ଏତିକିବେଳେ ସେହି ଫାଣ୍ଡିରେ ନୂଆ ପୋଷ୍ଟିଂ ପାଇଥିବା ଇନ୍‌ଚାର୍ଜଙ୍କ ଆଖିରେ ପଡ଼ିଗଲା ଫକାଲୁ। ସେ ଭଲ କରି ଲକ୍ଷ୍ୟ କଲେ ଆଉଥରେ। ହଁ, ଇଏ ତ ସେହି ଫକାଲୁ। ମାନେ ପୁରୁଣା ଦାଗୀ। ତେବେ ସେ ଏଠି କାହିଁକି ? ତାକୁ ଧରି ଅଣାଗଲା ଫାଣ୍ଡିକୁ।

''ବେ ତୁ କ'ଣ ଏଠି ? ଏ ଗାଁରେ ? ତା'ମାନେ ଏଠି ବି... ?''

''ଏଇଟା ମୋ' ଗାଁ ହଜୁର।'' ଜୁହାର ହେବା ଭଙ୍ଗୀରେ ବିନମ୍ର ଭାବରେ କହିଲା ଫକାଲୁ।

''ଜାଣିଚୁ ତ ତୋର ପୂରା ଇତିହାସ ରହିଚି ଆମ ପୋଲିସ ଫାଇଲରେ ? ଭୁଲି ଗଲୁଣି, ଟାଟାରେ ଥିବାବେଳେ ମୁଁ ତୋତେ କେତେଥର ଧରିଛି ? ଧରିକି ଛାଡ଼ି ଦେଇଛି।''

''ସବୁ ମନେଅଛି ହଜୁର। ଆପଣ ସେତେବେଳେ ଯାହା ଯେମିତି କହୁଥିଲେ, ମୁଁ ତ କରି ଚାଲିଥିଲି। ଆପଣ ବି ମୋ' ଉପରେ ଦୟା ରଖିଥିଲେ। ତେବେ ହଜୁର, ଏବେ ମୁଁ ସେ ସବୁ ବାଜେ ଧନ୍ଦା ଛାଡ଼ିଦେଇଛି। ଜୀବନକୁ ବଦଳାଇ ଦେଇଛି। କାମଦାମ କରି ଚଳୁଛି। ମୋ' ପରିବାର କଥା ବୁଝୁଚି।''

''ହୁଁ, ତା'ହେଲେ ଏମିତି କଥା ? ତୋ' ଗାଁବାଲାଙ୍କୁ ତେବେ କହିଦେବାକୁ ହେବ ତୋ' କଥା। ସେମାନେ ତୋତେ ସାବଧାନ ରହିବେ। ତେବେ ସେମାନେ ତୋ' ଅସଲ ଚେହେରା କ'ଣ ଜାଣିଗଲେ, କ'ଣ ହେବ ତୋ' ଅବସ୍ଥା ?''

''ନା ନା ହଜୁର। ସେ କାମ କରନ୍ତୁ ନାହିଁ। ସେମିତି ଆଗ ପରି ମୋ' ପ୍ରତି ଦୟା ରଖନ୍ତୁ।'' କାନ୍ଦକାନ୍ଦ ସ୍ୱରରେ କହିଲା ଫକାଲୁ।

''ତା'ମାନେ... ତୁ ମୋ' ଦୟା ଚାହୁଁଚୁ? ଆଗ ପରି? ତେବେ...'' ହସିଦେଲେ ଇନ୍‌ଚାର୍ଜ ବାବୁ।

ସେଇ ରାତିରେ ପ୍ରଥମ କରି ଶାନ୍ତିପୁର ଗାଁରେ ଚୋରି ହେଲା।

**– ଅନାମିକା ନୀଡ଼, ଅଙ୍ଗାରଗଡ଼ିଆ, ବାଲେଶ୍ୱର**

# କବିତା

## ମୋହଲଗ୍ନ

**ମୃଗେଶ ବୈଷ୍ଣବ ପାଣିଗ୍ରାହୀ**

ବିଦାୟ ମାଗୁଛୁ
ଏପରି ବେଳାରେ,
ଏବେ ପରା
ମନର ଅନ୍ଧାର ଅପସରି ଯାଇ
ହୁତ୍‌ହୁତ୍ ହୋଇ ସୂର୍ଯ୍ୟ ଉଇଁବାର ବେଳ
ଗ୍ରୀଷ୍ମର ଅପରାହ୍ଣେ
ଟୋପାଟୋପା ବର୍ଷା ଝରିବାର ବେଳ।

ଯେତେଦିନ ଏକାଏକା
ଚାଲିଲେ, ତାହା ଆମ
ନିର୍ଦ୍ଧାରିତ ଭାଗ୍ୟ,
ଏବେ ଆଉ କୋଉ ଭାଗ୍ୟ
ଆମକୁ ନାଲିଆଖି ଦେଖଉଛିଯେ !
ସିଏ ବି ପରା ବାଟଭାଙ୍ଗି ବିବଶ
ତା' ଭାଗ୍ୟର ଅନ୍ୱେଷଣରେ।

ନାହିଁନାହିଁ ଭିତରେ
ହଁ ର କ୍ଷୀଣ ଆଲୁଅ
ପ୍ରସରି ଯାଉଛି,
ଦୁର୍ଭାଗ୍ୟକୁ ଆଡ଼େଇ ଦେଇ
ସୌଭାଗ୍ୟର ହସ୍ତାକ୍ଷର ଲୋଡୁଛି,
ହଁ, ନାହିଁରେ ନେପଥ୍ୟର
ନାୟକ ସାଜୁଛି।

ଏପରି ଏକ ମୋହଲଗ୍ନରେ
ବିଦାୟ ମାଗୁଛୁ,
ଏବେ ପରା ସୂର୍ଯ୍ୟ ଉଇଁବାର ବେଳ
ପକ୍ଷୀର କାକଳି ଶୁଭିବାର ବେଳ
ଅଦିନିଆ ବର୍ଷାରେ ମାଟି ଭିଜିବାର ବେଳ
ଜହ୍ନର ଆଲୁଅରେ
ସ୍ୱପ୍ନକୁ ଡେଣା ମିଳିବାର ବେଳ
ଆମେ ଏକାତ୍ମ୍ ହେବାର ବେଳ
ହଁ, ହଁ ତୁ ଆଉ ମୁଁ ନ ହୋଇ
ଆମେ ହେବାର ବେଳ।

**– ଅର୍ଘ୍ୟରୂପା, ବଲାଙ୍ଗୀର-୨**

## ଫୁଲ

**ପବିତ୍ର ବ୍ରହ୍ମପୁତ୍ର ନାୟକ**

ରଜାର ଯାଏ କେତେ
ଆସେ କେତେ
ବଗିଚାରୁ ଚୋରି ହେଲେ ଫୁଲ।

ପ୍ରଜାପତି ଲୁହ ଢାଳେ,
ଈଶ୍ୱରଙ୍କ ମଉନବ୍ରତ,
ନିତି ସଂଜେ ମାଳୀ ଗଣେ କଢ଼।

**– ରାଜନଗର, କେନ୍ଦ୍ରାପଡ଼ା**

## ଦେବୀ

**ସୋନାଲି ସ୍ୱାଇଁ**

ମାମା,
ଡକ୍ଟର ଅଙ୍କଲ୍‌ଙ୍କୁ କହି
ମୋତେ ଶୀଘ୍ର ବାହାରକୁ ନେଇଯାଅ ମାମା
ମୁଁ ମୋ' କୁନିକୁନି ଆଖିରେ,
ଦୁନିଆ ଦେଖିବି...
ତୁମ ହାତର ସ୍ୱର୍ଶ ପାଇବି
ପାପାଙ୍କ କାନ୍ଧରେ
ଝୁଲି ବସିବି...
ଜେଜେମା'ଙ୍କ ପାଖୁ
କେତେ ପରୀ ଗପ ଶୁଣିବି,
ଆଉ କୁନା ଭାଇକୁ
ଭାଇ ଭାଇ ଡାକିବି !

ଆଉ ଜାଣିଛ ମାମା
ଦଶହରାରେ ଜନ୍ମ ମୋର
ମାମୁଙ୍କୁ କହିବ
ମୋ' ନାମ ଦେବୀ ରଖିବେ...
ମୁଁ ହସିବି, ଖେଳିବି, ନାଚିବି
ପାଠ ପଢ଼ିବି...
ତମେ ଖୁସି ଅଛ ନା ମାମା ?

(କିଛି ସମୟ ପରେ କୁନି ଝିଅଟି ଜନ୍ମ ହେଇଛି
ଆଉ ତା' କୁନିକୁନି ଆଖିରେ
ଆଲୋକ ଦେଖିଛି)
ଆଃ ! କେତେ ସୁନ୍ଦର ଏ ଦୁନିଆ...

ଏ କ'ଣ ମାମା ତମେ ମୋ' ପାଖୁ
ମୁହଁ ବୁଲାଇ ନେଉଛ ?
ପାପା ମୋ' ମୁହଁକୁ
କ'ଣ ପାଇଁ ଚାହୁଁନ ?
ଜେଜେମା' ତମେ ମାମାଙ୍କୁ
କ'ଣ ପାଇଁ ଗାଳି କରୁଛ ?
ଆଉ ଡକ୍ଟର ଅଙ୍କଲ୍
ମୋ' ପାପାଙ୍କ ପାଖୁ ପଇସା କ'ଣ ପାଇଁ ନେଉଛନ୍ତି ଯେ ?

ମୋତେ ଏ ଅଳିଆଗଦା ପାଖକୁ
ଏତେ ସାରା କୁକୁରଭାଇମାନଙ୍କ ପାଖକୁ
କ'ଣ ପାଇଁ ଆଣିଲ ଦିଦି... ?
ଏମାନେ ତ ମୋତେ ମାରିଦେବେ...
ମୋତେ ମୋ' ମାମାଙ୍କ ପାଖକୁ ନେଇଚାଲ ନା
ମୁଁ ପରା ତାଙ୍କ କୁନି ଝିଅ...
ମୋତେ ଅଳିଆଗଦାରେ ଫିଙ୍ଗନି...
ମୁଁ ବଡ଼ ହେବି...
ଭଲ ପାଠ ପଢ଼ିବି...
ଚାକିରି କରିବି...
ମୋ' ମାମା ପାପାଙ୍କ ମୁହଁରେ ହସ ଆଣିବି
ମୋତେ ଫିଙ୍ଗନି
ଆରେ ମୋତେ ଫିଙ୍ଗନି
ଏଇ ଅଳିଆ ଗଦାରେ... !!

**– ବାରିଲୋ, ବୋରିକିନା, ଜଗତ୍‌ସିଂହପୁର**

## ଶରତ ଋତୁ: ଫୁଲ

**ଆଶୁତୋଷ କରଣ**

**କାଶତଣ୍ଡୀ** ।। ମେଘୁଆ ଆକାଶରେ
ପବନର ଶୀତଳ ଫୁଆର
ଭରପୂର ନଈପଠା
ସଫେଦ କାଶତଣ୍ଡୀର ଚଅଁର।

**କଇଁ** ।। କାଚକେନ୍ଦୁ ପାଣିରେ
ନାଲିନୀଳ କଇଁ,
ଆବେଗରେ ଦୋହଲୁଛି
ଚନ୍ଦ୍ରମାକୁ ବଧେଇ ଜଣାଇ।

**ଜହ୍ନିଫୁଲ** ।। ରଞ୍ଜାରେ ଫୁଟିଲା
ଫୁଲେଇ ଜହ୍ନିଫୁଲ
ଗାଁ କହିଲା ଭଲ
ସହର କହିଲା 'ଭାରି ଭଲ' ।।

**– କମାରିଆ ବଜାର, ତିହିଡ଼ି, ଭଦ୍ରକ**



## ଓଡ଼ିଆ ହାଇକୁ

**ତ୍ରିନାଥ ସିଂହ**

**ମେଘରାସ**
ନଈପଠା ପଟୁମାଟି
ଛନଛନ ଘାସଫୁଲେ ରମଣୀୟ ରାସ।
ଜକଜକ ଜଳଝର
ନୀଳମେଘ ଆକାଶରେ ମୁକ୍ତ ଅନୁପ୍ରାସ ।।

**ପବନର କୋହ**
ଆଗ ପରି ଜମା ବାସେନାହିଁ ଆଉ
ସୁଲଳିତ ପବନର ମାନ୍ତ୍ରିକ ଦେହ।
ଦୁଧ-ଅଳତାର ଗୋଇଠିରେ ଏବେ
ଅଜଣା ଆତଙ୍କର ଫଟାଫଟା କୋହ ।।

**ଜହ୍ନ ଅଗଣା**
ଗହଳ ଘାସର ସବୁଜିମା ଛୁଇଁ
ଉଡ଼ି ବୁଲୁଥାଏ ପ୍ରଜାପତି ଏକୁଟିଆ।
ଅଗଣା ଅଗଣା ବୁଲିବୁଲି ଜହ୍ନ
ରଙ୍ଗଣୀଗଛରୁ ଫୁଲ ତୋଳୁଥାଏ, ଆହା !

**ଜହ୍ନଛାଇ**
ନୀଳକଇଁରେ ନୀଳ ଏଇ ରାତିର ପୋଖରୀ
ପଙ୍କ କାଦୁଅରେ ଗୋଡ଼ ଖସିଯିବ କାଳେ।
ଜହ୍ନ-ଛାଇ ଓହ୍ଲଉଛି ତୁଠ ପାହାଚରୁ
ଡରିଡରି ସତର୍କ ପାଦରେ ।।

**– ଭବିଷ୍ୟନିଧି କାର୍ଯ୍ୟାଳୟ,
ପାନପୋଷ ମାର୍ଗ, ରାଉରକେଲା**

ଗୀତି-କବିତା

## ଜହ୍ନରାତିର ସ୍ମୃତି

**ବିପ୍ଳବ**

ଏଇ ଜହ୍ନରାତି କେବେ ଥିଲା ଦିନେ
ମହ ମହ ବାସ
ମଲ୍ଲୀ ଗଜରାର ହାର
ବେଦୀରେ ବସିଲୁ ଯେ ଦିନୁ ସଜନୀ
ଜହ୍ନରାତି ଲାଗେ
ମୋ' ଛାତି ରାମ୍ପୁଡ଼ା ଗାର ।।

ମେଞ୍ଚାମେଞ୍ଚା ତାରା କଇଁ-ତୋଫା ଜହ୍ନ
କିଟିକିଟି ରାତି
ଅଫିମ ଅନ୍ଧାର ଦିଶେ
ଜଉମୁଦଦିଆ ତୋ' ସ୍ମୃତି-ସିନ୍ଦୁକ
ଧୀରେଧୀରେ ଖୋଲେ
ଅଜଗର ମୋତେ ଗ୍ରାସେ ।।

କାକର ଟୋପାରେ କାଶତଣ୍ଡୀ ହସ
ପାଲଟିଛି ବିଷ
ମଉଳି ପଡ଼ିଛି ଖସି
ଛଡ଼ାଫୁଲ ପରି ମହକ ହଜେଇ
ଲୁହରେ ଭିଜେଇ
ତୋ' ପ୍ରେମ ହୋଇଛି ବାସି ।।

**– ମକୁନ୍ଦପୁର, ବାଙ୍କୀ**

# କବିତା ଲେଖି ଭୁଲିଥିଲି ଘର ଛାଡ଼ିବାର ଦୁଃଖ



ମମତା ପ୍ରିୟଦର୍ଶିନୀ ସାହୁ

**ମମତା ପ୍ରିୟଦର୍ଶିନୀ ସାହୁଙ୍କ ଜନ୍ମ ୧୯୮୨ରେ, ସୁନ୍ଦରଗଡ଼ ଜିଲାର ଝରିଆପାଲି ଗାଁରେ। ବୃତ୍ତିରେ ଓଡ଼ିଆ ଭାଷା-ସାହିତ୍ୟର ଅଧ୍ୟାପିକା। ଗଳ୍ପ ସାହିତ୍ୟରେ ଗବେଷଣା କରି ସମ୍ବଲପୁର ବିଶ୍ୱବିଦ୍ୟାଳୟରୁ ପିଏଚ୍.ଡି. ଉପାଧିପ୍ରାପ୍ତା। ଉଭୟ କବିତା ଓ ଗଳ୍ପ ଲେଖନ୍ତି, କିନ୍ତୁ କବିତା ପ୍ରତି କୈଶୋରରୁ ତାଙ୍କର ଝୁଙ୍କ। ଏଥରର 'ପହିଲି ପୁଲକ'ରେ ମମତା ଶୁଣାଇଛନ୍ତି ତାଙ୍କ ପ୍ରଥମ ଲେଖାର ଗପ...**

ସେତେବେଳକୁ ମୁଁ ଥିଲି ସୁନ୍ଦରଗଡ଼, ସେଣ୍ଟମେରୀ ଗର୍ଲ୍‌ସ ହାଇସ୍କୁଲ୍‌ରେ ଅଷ୍ଟମ ଶ୍ରେଣୀ ଛାତ୍ରୀ। ପ୍ରଥମ କରି ବାପା ମା', ଦାଦା ଖୁଡ଼ୀ ଓ ସବୁଠାରୁ ପ୍ରିୟ ମୋ' ଜେଜେମା'ଙ୍କୁ ଛାଡ଼ି ହଷ୍ଟେଲରେ ରହିବା ଆରମ୍ଭ କରିଥିଲି। ଘରଛାଡ଼ି କେମିତି ଗୋଟେ ଏକୁଟିଆ ଭାବରେ ମର୍ମାହତ ହୋଇପଡ଼ିଥିଲି। ବିଦ୍ୟାଳୟ ପ୍ରାଙ୍ଗଣରେ ଏକାଏକା ନିଃସଙ୍ଗ ହୋଇ ବସୁଥିଲି। ଏହି ଦୁଃଖପୂର୍ଣ୍ଣ ସ୍ଥିତିରେ ବାପାଙ୍କ କବିତା ଲିଖନ କଥା ଖୁବ୍ ମନେପଡୁଥିଲା। ବାରମ୍ବାର ବାପାଙ୍କ କବିତା ସବୁ ପଢୁଥିଲି। କବିତା ପଢୁପଢୁ ହଠାତ୍ ଦିନେ ଲେଖିବାକୁ ଇଚ୍ଛା ହେଲା। ଆଉ ମୋର ନିଃସଙ୍ଗ ଜୀବନରେ ଆରମ୍ଭ ହେଲା କବିତାର ପର୍ବ। ପ୍ରଥମ କବିତା ଲେଖିଲି 'ଆମେ ଏ ଦେଶର ଗୌରବ' ଏବଂ ତାକୁ ପୋଷ୍ଟକାର୍ଡରେ ଉତାରି ସୁନ୍ଦରଗଡ଼ରୁ ଡକ୍ଟର ପ୍ରବୋଧ ପଟ୍ଟନାୟକଙ୍କ ଦ୍ୱାରା ପ୍ରକାଶିତ ପତ୍ରିକା 'ସ୍ୱୟଂପ୍ରଭା'କୁ ପଠାଇଦେଲି।






କିଛିଦିନ ପରେ ହଠାତ୍ ଦିନେ ପ୍ରାର୍ଥନା ଶ୍ରେଣୀରେ ପ୍ରଧାନ ଶିକ୍ଷୟିତ୍ରୀ ଏବଂ ମୋର ଅନ୍ୟତମା ପ୍ରିୟ ଶିକ୍ଷୟିତ୍ରୀ ସୁଜାତା ଦାଶ ଦିଦି ଘୋଷଣା କଲେଯେ, ଅଷ୍ଟମ ଶ୍ରେଣୀ ଛାତ୍ରୀ ମମତା ପ୍ରିୟଦର୍ଶିନୀ ସାହୁଙ୍କର ଏକ କବିତା 'ସ୍ୱୟଂପ୍ରଭା' ପତ୍ରିକାରେ ପ୍ରକାଶିତ ହୋଇଛି। ସ୍କୁଲ୍‌ର ସମସ୍ତ ଛାତ୍ରୀଙ୍କ ସମ୍ମୁଖରେ ମୋତେ ସେ ଖୁବ୍ ପ୍ରଶଂସା କଲେ। ସେତେବେଳେ ମୁଁ ଏତେ ଖୁସି ହୋଇଥିଲିଯେ ପତ୍ରିକାଟି ଧରି କାନ୍ଦି ପକେଇଥିଲି। ମୋ' ପ୍ରିୟ ଦିଦିଙ୍କୁ କୁଣ୍ଢେଇ ପକେଇଥିଲି। ହଷ୍ଟେଲରେ ୱାର୍ଡେନ୍ ସିଷ୍ଟର ଆଧିଲିନା ମୋ' ପିଠି ଥାପୁଡ଼େଇ କହିଥିଲେ- "ମମତା ତୁମେ ଏମିତି ଲେଖିଚାଲ। ଦେଖିବ ଆଉ ତୁମକୁ ଏକୁଟିଆ ଲାଗିବ ନାହିଁ।" ସେଦିନ ଆନନ୍ଦ ଯୋଗୁଁ ରାତିରେ ମୁଁ ବେଡ୍‌ରେ ଡେଇଁଥିଲି। ଏମିତି ଆରମ୍ଭ ହେଲା ମୋର କବିତା ଲିଖନ ଆଉ ଘର ଛାଡ଼ିବା ଦୁଃଖର ପ୍ରଶମନ।

ସ୍କୁଲ୍‌ରେ ଶିକ୍ଷୟିତ୍ରୀଶିକ୍ଷକ ଓ ସାଙ୍ଗମାନଙ୍କର ପ୍ରିୟପାତ୍ରୀ ହୋଇଗଲି ଏଇ ଲେଖାଟି ପାଇଁ। ବାପା ଓ ମା'ଙ୍କୁ ଅପେକ୍ଷା କରିଥିଲି ଏହି ଖୁସି ଖବରଟି ଜଣେଇବା ପାଇଁ। ରବିବାର ଦିନ ସେମାନେ ଆସିଲେ। ଆନନ୍ଦର ସୀମା ବଢ଼ିଗଲା, ଯେତେବେଳେ ବାପା ଖୁସିରେ ମୋତେ କୁଣ୍ଢେଇ ପକେଇଲେ। ବାପାଙ୍କ ଆଖିରୁ ଦୁଇଧାର ଲୁହ ବୋହିଗଲା। ସେ କହିଲେ, "ଯଦ୍ୟପି ମୁଁ ଇଂରାଜୀ ଶିକ୍ଷକ, ଓଡ଼ିଆ ଭାଷା ସାହିତ୍ୟ ମୋ' ମା' ଏବଂ ଇଂରାଜୀ ଭାଷା ସାହିତ୍ୟ ମୋ' ପ୍ରେମିକା। ତେଣୁ ମାମାରେ ତୋର କବିତା ଲେଖିବା ଏମିତି ଚାଲୁ।" ସେଦିନ ମୁଁ ଆନନ୍ଦିତ ଓ ଗର୍ବିତ ହୋଇଯାଇଥିଲି।

ଠିକ୍ ତା' ପରେ ପ୍ରଥମ ଗଳ୍ପ 'ଅତୀତରେ ଲୀନ ହୋଇଥିବା ଏକ ସ୍ୱପ୍ନ' ଲେଖିଲି; ଯାହାକି ରାଜ୍ୟସ୍ତରୀୟ ଗଳ୍ପ ପ୍ରତିଯୋଗିତାରେ ଦ୍ୱିତୀୟ ସ୍ଥାନ ପାଇଲା। ବାପା ଶୁଣି ଖୁସି ହେଲେ। ଠାକୁରଙ୍କ ଆଶିଷରୁ ଏହି ପ୍ରଥମ କବିତା ଓ ମୋର ପ୍ରଥମ ଗଳ୍ପ ଯୋଗୁଁ ୨୦୦୩ ମସିହାରେ 'ସପ୍ତର୍ଷି' (ସମ୍ବଲପୁର ବିଶ୍ୱବିଦ୍ୟାଳୟର ମୁଖପତ୍ର)ର ଭରତଚନ୍ଦ୍ର ସ୍ମୃତି ସମ୍ମାନ ଲାଭ କରିଥିଲି।


ଆଜି ମୁଁ ଓଡ଼ିଆ ଭାଷା ସାହିତ୍ୟର ଅଧ୍ୟାପିକା। ପ୍ରଥମ କବିତା ଓ ଗଳ୍ପ ଲିଖନ ପରେ ଆଉ ପଛକୁ ଚାହିଁନି। ଆଜି ବି ଘରଠୁଁ ଦୂରରେ, ମହାବିଦ୍ୟାଳୟର କ୍ୟାମ୍ପସ୍‌ରେ ମୋ' କ୍ୱାର୍ଟର। ସେ ଦିନଠୁଁ ଆଜିଯାଏ ଅନେକ ଓଡ଼ିଆ କବିତା, ଗଳ୍ପ, ପ୍ରବନ୍ଧ ଲେଖିସାରିଛି। ବହୁ ଉଚ୍ଚକୋଟୀର ପତ୍ରପତ୍ରିକାରେ ବି ସେସବୁ ପ୍ରକାଶିତ ହୋଇଛି। ଧୀରେଧୀରେ ଲେଖିବା ପ୍ରତି ମୋର ମୋହ ବଢ଼ିଚାଲିଛି। ବାପାଙ୍କ ପ୍ରେରଣା, ମୋର ସାହିତ୍ୟ ଶିକ୍ଷୟିତ୍ରୀ ସୁଜାତା ଦିଦିଙ୍କ ଉତ୍ସାହ ଏବଂ ସବୁଠାରୁ ବଳି ମୋ' ମା'ଙ୍କ ପ୍ରୋତ୍ସାହନ ଯୋଗୁଁ ମୁଁ ଓଡ଼ିଆ ଭାଷା ସାହିତ୍ୟର ସେବା କରିଚାଲିଛି।



## ପୁସ୍ତକ ପରିଚୟ

### ମହାଯୋଗୀ ଶ୍ରୀଅରବିନ୍ଦ

**ଲେଖକ:** ମନୋଜ ଦାସ
**ପ୍ରକାଶକ:** ଫ୍ରେଣ୍ଡ୍‌ସ ପବ୍ଲିଶର୍ସ, ବିନୋଦ ବିହାରୀ, କଟକ-୨
**ପ୍ରଥମ ପ୍ରକାଶ:** ୨୦୧୯, ମୂଲ୍ୟ: ଟ. ୧୨୫/-





ମହାଯୋଗୀ ଶ୍ରୀଅରବିନ୍ଦଙ୍କ ଜୀବନଗାଥା ଅନେକ ଯୋଗ୍ୟ ବ୍ୟକ୍ତିଙ୍କ ଦ୍ୱାରା ବିବୃତ ହୋଇଛି। ଏହାସତ୍ତ୍ୱେ ବିଶିଷ୍ଟ ସାଧକ ତଥା ପ୍ରବୀଣ ଲେଖକ ମନୋଜ ଦାସଙ୍କ ଦ୍ୱାରା ଲିଖିତ ଏହି ଗ୍ରନ୍ଥଟିର ସ୍ୱତନ୍ତ୍ର ମୂଲ୍ୟ ଅଛି ଏଇଥିପାଇଁଯେ, ଅତି ସରଳ ଓ ବୋଧଗମ୍ୟ ଭାଷାରେ ସେ ଶ୍ରୀଅରବିନ୍ଦଙ୍କ ଅତି ଗୂଢ଼ ଜୀବନକୁ ବ୍ୟକ୍ତ କରିବାକୁ ଚାହିଁଛନ୍ତି। ପୁସ୍ତକଟିର ଦୁଇଟି ପର୍ଯ୍ୟାୟ ରହିଛି। ପ୍ରଥମ ପର୍ଯ୍ୟାୟ- 'ମହାଯୋଗୀ ଶ୍ରୀଅରବିନ୍ଦ' ଓ ଦ୍ୱିତୀୟ ପର୍ଯ୍ୟାୟ- 'ଶ୍ରୀଅରବିନ୍ଦଙ୍କ ଆଦ୍ୟ ଜୀବନର କେତୋଟି ଝଲକ'। ପ୍ରାକ୍‌କଥନରେ ଦୁଇଟି ପର୍ଯ୍ୟାର ନେପଥ୍ୟରେ ଥିବା ତାଙ୍କ ଅନୁଭବକୁ ସେ ପାଠିକାପାଠକଙ୍କ ପାଇଁ ପ୍ରକଟ କରିଛନ୍ତି। ୧୯୬୫ରୁ ୧୯୭୬ ଯାଏ 'ଆସନ୍ତାକାଲି'ରେ ପ୍ରକାଶିତ ତାଙ୍କ ଲେଖାଗୁଡ଼ିକୁ ଗ୍ରନ୍ଥରେ ପୁନରୁଦ୍ଧାର କରାଯାଇଛି, ଯହିଁରେ 'ଭବାନୀ ମନ୍ଦିର' ଓ ପତ୍ନୀ ମୃଣାଳିନୀ ଦେବୀଙ୍କୁ ଶ୍ରୀଅରବିନ୍ଦ ଲେଖିଥିବା ପତ୍ର ଭଳି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗର ଅବତାରଣା କରାଯାଇଛି। ଦେଢ଼ଶହ ପୃଷ୍ଠା ବିଶିଷ୍ଟ ବହିଟିରେ ଶ୍ରୀଅରବିନ୍ଦଙ୍କ ଜୀବନର ବହୁ ଅମୂଲ୍ୟ ଉପଲବ୍ଧିକୁ ଲେଖକ ଯେପରି ତୋଳି ଧରିଛନ୍ତି, ତାହା ଅନନ୍ୟ ଓ ଏହି କାରଣରୁ ଗ୍ରନ୍ଥଟିର ବିପୁଳ ପାଠକୀୟତା ଅବଶ୍ୟମ୍ଭାବୀ।

### ପ୍ରସଙ୍ଗ: ଅନୁଷଙ୍ଗ

**ଲେଖକ:** ବାବାଜୀ ଚରଣ ପଟ୍ଟନାୟକ
**ପ୍ରକାଶକ:** ବିଜୟିନୀ ପବ୍ଲିକେଶନ୍ସ, ଶଙ୍କରପୁର, କଟକ-୧୨
**ପ୍ରଥମ ପ୍ରକାଶ:** ୨୦୧୯, ମୂଲ୍ୟ: ଟ. ୨୮୦/-






୨୮୮ ପୃଷ୍ଠାର ଏହି ବହିଟିରେ ମୋଟ ୬୭ଟି ନିବନ୍ଧ ସ୍ଥାନିତ, ଯାହାର ପ୍ରସଙ୍ଗ ସାହିତ୍ୟ, ସଂସ୍କୃତି, ସମାଜ, ସାମ୍ବାଦିକତା, ଜାତି, ଧର୍ମ, ଭାଷା ଓ ସର୍ବୋପରି ବ୍ୟକ୍ତିତ୍ୱ-ନିରାଜନା। 'ଆରମ୍ଭରୁ କିଛି' ଶୀର୍ଷକରେ ଲେଖକ ତାଙ୍କର ଏହି ନିବନ୍ଧଗୁଡ଼ିକ ରଚନା କରିବାର ପ୍ରେରଣା, ପରିବେଶ ଓ ପ୍ରକାଶଭୂମି ବିଷୟରେ ଉଲ୍ଲେଖ କରିଛନ୍ତି। ଏଥିରେ ସନ୍ନିବିଷ୍ଟ ଲେଖାଗୁଡ଼ିକ ଲେଖକଙ୍କର ତଥ୍ୟଜ୍ଞାନ ଓ ବିଚାର ଦୃଷ୍ଟିର ମୌଳିକତାକୁ ଯେପରି ପ୍ରତିଷ୍ଠା ଦେଇଛି, ତା'ର ପ୍ରଶଂସା କରିବାକୁ ଅନୁଭବୀ ପାଠକେ ଅବଶ୍ୟ ବାଧ୍ୟ। ଫକୀରମୋହନ, ଗୋପାଳ ଚନ୍ଦ୍ର ପ୍ରହରାଜ, କାଳିନ୍ଦୀଚରଣ, ମଧୁସୂଦନ, ଭୀମଭୋଇ, ଆର୍ତ୍ତବଲ୍ଲଭ, ବାଳକୃଷ୍ଣ ମହାନ୍ତି ଓ ଶରତ କୁମାର ମହାନ୍ତିଙ୍କ ସମ୍ପର୍କରେ ତାଙ୍କ ଅନୁଧ୍ୟାନ ଓ ସେଇ ଅନୁଧ୍ୟାନର ବିଶ୍ୱସ୍ତ ଉପସ୍ଥାପନା ଗ୍ରନ୍ଥଟିକୁ ଆମ ସମୟର ନିବନ୍ଧ ସାହିତ୍ୟରେ ଏକ ଉଲ୍ଲେଖନୀୟ ଉପସ୍ଥିତି ସିଦ୍ଧ କରିଛି।

### ଅଂଶୁପା

**ସମ୍ପାଦନା:** ସୁଶାନ୍ତ ନନ୍ଦ, ନକୁଳ ଚନ୍ଦ୍ର ସାହୁ, କୌଶିକ ନାୟକ ଓ ଡ. ଫଣୀନ୍ଦ୍ର ଭୂଷଣ ନନ୍ଦ
**ପ୍ରକାଶକ:** ଚିଲିକା ଉନ୍ନୟନ କର୍ତ୍ତୃପକ୍ଷ, ପଳାସପଲ୍ଲୀ, ଭୁବନେଶ୍ୱର-୨୦
**ପ୍ରଥମ ପ୍ରକାଶ:** ୨୦୧୯, ମୂଲ୍ୟ: ଉଲ୍ଲେଖ ନାହିଁ





କ୍ରାଉନ୍ ସାଇଜ୍‌ର ବହିଟି ୩୫୨ ପୃଷ୍ଠାର। ଅଂଶୁପା ହ୍ରଦକୁ ନେଇ ଓଡ଼ିଆ ଭାଷାରେ ରଚିତ କାବ୍ୟ (୧୩ଟି), କବିତା (୪୪ଟି) ଓ ଆଲୋଚନା (୧୦ଟି)କୁ ଏଥିରେ ସାମିଲ କରାଯାଇଛି। 'ମୁଖବନ୍ଧ' ଶେଷରେ "ଏହି ସଙ୍କଳନ ପ୍ରକାଶ ଦ୍ୱାରା ଅଂଶୁପାର ଅବିନଶ୍ୱର ସୌନ୍ଦର୍ଯ୍ୟ ବହୁ ପ୍ରଚାରିତ ହେଉ" ଓ "ପ୍ରକୃତିଦେବୀଙ୍କ ନିରାଜନାର ଅନ୍ୟତମ ସୁଦୃଶ୍ୟ ଦିଗବାରେଣୀ ଭାବରେ ଅଂଶୁପା ପ୍ରତିଷ୍ଠିତ ହେଉ" ବୋଲି ଆଶା ରଖାଯାଇଛି। 'ଅଂଶୁପା' ଓ ସର୍ବୋପରି ପ୍ରକୃତିପ୍ରେମୀ ପାଠିକାପାଠକମାନେ ବହିଟିରେ ଅଂଶୁପାକୁ ନେଇ ରଚିତ ବହୁ ଦୁଷ୍ପ୍ରାପ୍ୟ ରଚନାକୁ ଏକତ୍ର ପଢ଼ିବାକୁ ପାଇବେ। ବହିଟିର ବହୁଳ ପ୍ରସାର ଆଶା କରାଯାଏ।

### ବଜ୍ରବଂଶୀ

**କବି:** ପବିତ୍ର ମୋହନ ଦାଶ
**ପ୍ରକାଶକ:** ଆକାଂକ୍ଷା, ପୁଦୁଚେରୀ-୮
**ତୃତୀୟ ପ୍ରକାଶ:** ୨୦୧୯, ମୂଲ୍ୟ: ଟ. ୧୫୦/-

କବିତା ବହିଟିଏର ତୃତୀୟ ସଂସ୍କରଣ ଓଡ଼ିଆ ସାରସ୍ୱତ କ୍ଷେତ୍ର ପାଇଁ କମ୍ ଏକ ସୁଖବର ନୁହେଁ। ପବିତ୍ରଙ୍କର 'ବଜ୍ରବଂଶୀ' ପ୍ରଥମେ ପ୍ରକାଶ ପାଇଥିଲା ୧୯୯୫ରେ, ଯାହାର ଦ୍ୱିତୀୟ ସଂସ୍କରଣ ସମ୍ଭବ ହୋଇଥିଲା ୨୦୦୯ରେ ଏବଂ ଏବେ ତା'ର ତୃତୀୟ ସଂସ୍କରଣ ପାଠିକାପାଠକଙ୍କ ହାତକୁ ଯାଇଛି। ପ୍ରକାଶକୀୟରେ କୁହାଯାଇଛି- "ସମୟ, ସ୍ମୃତି, ସ୍ଖଳିତ ଇତିହାସ ଓ ବିପର୍ଯ୍ୟସ୍ତ ମନୁଷ୍ୟର କାବ୍ୟରୂପ ଆକାରରେ ଏହା ପାଠକ ମନରେ ନୂତନ ଦ୍ୟୋତନା ସୃଷ୍ଟି କରେ।" ଆହୁରି ମଧ୍ୟ କୁହାଯାଇଛିଯେ, ଓଡ଼ିଆ କାବ୍ୟ ରାଜ୍ୟରେ ସେ ସମୟରେ ଆସୁଥିବା ନୂଆ ମୋଡ଼ର ଏହା ସୂଚକ। ତେବେ, ବହିଟିକୁ ନେଇ ପ୍ରକାଶକୀୟ ଏହି ଦୃଢ଼ୋକ୍ତିର ସତ୍ୟତା ପାଠକେ ପରଖିବେ, କିନ୍ତୁ ବହିଟିର କବିତାଗୁଡ଼ିକଯେ ନାନା ଶୈଳୀଗତ ନୂତନତ୍ୱ ଓ ଅନୁଭବଗତ ବୈଶିଷ୍ଟ୍ୟରେ ପରିପୂର୍ଣ୍ଣ- ଏକଥା ଗ୍ରନ୍ଥର ସମୀକ୍ଷା ଅବକାଶରେ ସ୍ୱୀକାର କରାଯାଇପାରେ। ପବିତ୍ରଙ୍କ କବିତାରେ ପଦ୍ମପତ୍ରରେ ଭଅଁର ପରି ମୁଦିହେଇ ରହିଥିବା ଶ୍ଳେଷର କ୍ୱଚିତ୍ ବିକଳ୍ପ ତାଙ୍କ ସମକାଳର କବିତାରେ ପରିଦୃଷ୍ଟ।





### ପହଁରା ଜାଣି ନ ଥିବା ଝିଅ

**କବି:** ସରିତା ରଥ
**ପ୍ରକାଶକ:** ଈଶା ପବ୍ଲିକେଶନ୍, ଅନ୍ଧେରୀ (ଇଷ୍ଟ), ମୁମ୍ବାଇ
**ପ୍ରଥମ ପ୍ରକାଶ:** ୨୦୧୯, ମୂଲ୍ୟ: ଟ.୧୫୦/-





ଆଶ୍ଚର୍ଯ୍ୟର କଥାଯେ ବହିଟିରେ ସବୁ ଅଛି, ମାତ୍ର 'ସୂଚୀପତ୍ର' ନାହିଁ; ଯାହା ଆଗ୍ରହୀ ପାଠିକାପାଠକଙ୍କୁ ବହିରେ ଥିବା କବିତାଗୁଡ଼ିକ ସମ୍ପର୍କରେ ପ୍ରାକ୍-ସୂଚନା ପ୍ରାପ୍ତିରୁ ବଞ୍ଚିତ କରେ। ବହିରେ ସ୍ଥାନ ପାଇଥିବା କବିତାଗୁଡ଼ିକ ସମ୍ପର୍କରେ କବି ବିପିନ୍ ନାୟକ ଲେଖିଛନ୍ତି: "ସମସାମୟିକ କବିତାରେ ପ୍ରଚଣ୍ଡ ପାର୍ଥିବତା, ସ୍ଥୂଳତା ଓ କୃତ୍ରିମତାର ସ୍ୱର ଶୁଭୁଥିଲାବେଳେ ସରିତାଙ୍କ ଗଭୀର ଅନୁଭବ, ନିଷ୍ଠା ଏବଂ ଜୀବନ ଜଗତ ପ୍ରତି ଯେଉଁ ସମାହିତ ଦୃଷ୍ଟି ତାହା ଲକ୍ଷଣୀୟ। x x ସରିତାଙ୍କ ସ୍ରୋତମୟତା ପାଠକଙ୍କୁ ଆର୍ଦ୍ର କରିବ ବୋଲି ମୋର ବିଶ୍ୱାସ।" ସବୁ ଥାଇ କବିତାରେ ଯଦି ସ୍ୱଚ୍ଛନ୍ଦ ଏକ ପ୍ରବହମାନତା ନାହିଁ, ତେବେ ତାହା ଯେତେ ଗଭୀର ଭାବର କବିତା ହୋଇଥିଲେ ବି ପାଠକଙ୍କୁ ଅଧିକ କାଳ ଧରି ରଖିପାରିବ ନାହିଁ। ଯଦି ଶ୍ରୀ ନାୟକଙ୍କ ମନ୍ତବ୍ୟର ସତ୍ୟତା ବହିଟିରୁ ପାଠକେ ଖୋଜି ପାଇବେ, ତେବେ ବହିଟି ଅବଧାରିତ ଭାବେ ହେବ ସରିତାଙ୍କର ଏକ ସୃଜନୀ-ବିଜୟ।